## ବଜ୍ରପାତରେ ଜଣେ ମୃତ

ସାନଖେମୁଣ୍ଡି,୬।୮(ସମିସ): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଞ୍ଚଳରେ ବୁଧବାର ଅପରାହ୍ନରେ ବର୍ଷା ସହ ବଜ୍ରପାତ ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାଟପୁର ଥାନା ରାଧାଦେଇପୁରର ସୁଶୀଳା ବେହେରା(୩୫)। ଆହତ ଜଣଙ୍କ ହେଲେ ହିଞ୍ଜିଳି ଥାନା ପଥରପୁଞ୍ଜି ଗ୍ରାମର ଉରି ପ୍ରଧାନ (୬୫)। ସୁଶୀଳା ପାଟପୁର ଥାନା ଉସ୍ତମୂଳ ପାହାଡ ନିକଟରେ ଧାନ ବିଲରେ କାମ କରୁଥିବା ବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା ଏବଂ ସୁଶୀଳା ବେହେରା ଉପରେ ବଜ୍ରପାତ ହୋଇଥିଲା। ବିଲରେ କାମ କରୁଥିବା ଅନ୍ୟ ଲୋକ ମାନେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଉରୀ ପ୍ରଧାନଙ୍କ ଉପରେ ବଜ୍ରପାତ ହୋଇଥିବା ବେଳେ ତାଙ୍କୁ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି।

## ନଦୀରେ ବୁଡ଼ି ଯୁବକ ମୃତ

ଆସିକା,୬।୮(ସମିସ): ଆସିକା ଥାନା ଅନ୍ତର୍ଗତ ଗହଙ୍ଗୁ ଗ୍ରାମର ମନୋଜ ତ୍ରିପାଠୀ(୪୨) ଗାଁ ନିକଟସ୍ଥ ଦାନଚନ୍ଦନପେଡ଼ି ଗାଁକୁ ରୋଷେଇ କରିବାକୁ ଯାଇଥିବା ବେଳେ ନିକଟସ୍ଥ ବଡ଼ ନଦୀକୁ ଶୌଚ ହେବାକୁ ଯାଇଥିଲେ। ମାତ୍ର ଗୋଡ଼ ଖସି ନଦୀରେ ବୁଡି ଯାଇଥିଲେ। ଖବର ପାଇ ଆସିକା ଅଗ୍ନିଶମ ବିଭାଗ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସବୁଠି ଚର୍ଚ୍ଚା, ଲୋକଙ୍କ ଦାବି ଅପୂର୍ତ୍ତିକର ନାଁ ପରିବହନ ମନ୍ତ୍ରୀଙ୍କ ଇଚ୍ଛାଶକ୍ତି ଅଭାବ

# କେବେ କାର୍ଯ୍ୟକ୍ଷମ ହେବ ବିମାନବନ୍ଦର, ଆଇଏସ୍‌ବିଟି ଓ ଆର୍‌ଟିଓ






ବ୍ରହ୍ମପୁର,୬।୮(ସମିସ):

ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଓ ବିଭାଗ ଅଦଳବଦଳ ନେଇ ଗତ କିଛିମାସ ହେଲା ଚର୍ଚ୍ଚା ହେଉଥିଲେ ହେଁ ଦିନ ଗଡ଼ି ଚାଲିଛି। ଏବେ ଜଣେ ଜଣେ ମନ୍ତ୍ରୀଙ୍କ ହାତରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। ଯଦ୍ୱାରା ଅନେକ ବିଭାଗରେ କାର୍ଯ୍ୟ ସୂଚାରୁ ଭାବେ ସମ୍ପାଦନ ହୋଇପାରୁନଥିବା ଅଭିଯୋଗ ହେଉଛି। ଏଭଳି ପରିସ୍ଥିତିରେ ଗୋପାଳପୁର ବିଧାୟକଙ୍କ ହାତରେ ଥିବା ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ବିଭାଗକୁ ନେଇ ମଧ୍ୟ ବ୍ରହ୍ମପୁର ତଥା ଉପକଣ୍ଠରେ ସବୁଠି ଗୋଟିଏ ଚର୍ଚ୍ଚା 'ଲୋକଙ୍କ ଦୀର୍ଘବର୍ଷର ଦାବି ଅପୂର୍ତ୍ତିକର ନାଁ ପୂରଣ କରିବାରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ'। ଖାସ୍ କରି ଯେତେବେଳେ ଅଧିକାଂଶ ଦାବି ପରିବହନ ବିଭାଗ ଅଧିନରେ ରହିଛି ଏବଂ ସୌଭାଗ୍ୟବଶତଃ ସ୍ଥାନୀୟ ବିଧାୟକ ଏହି ବିଭାଗର ଜଣେ କ୍ୟାବିନେଟ ମନ୍ତ୍ରୀ। ତଥାପି ଲୋକଙ୍କର ବହୁ ବର୍ଷ ପୁରୁଣା ବିଭିନ୍ନ ଦାବି ପୂରଣ କରିବାରେ ସରକାର ଅସମର୍ଥ। ଏଭଳି ପରିସ୍ଥିତିରେ ଗୋପାଳପୁର ବିଧାୟକ ତଥା ଖଣି ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଉଠିଛି ପ୍ରଶ୍ନ। ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବିମାନବନ୍ଦର ପାଇଁ ଜମି ଅଧିଗ୍ରହଣ ଓ ସମ୍ପ୍ରସାରଣ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡି ରହିଥିବା ବେଳେ ହଳଦିଆପଦର ସ୍ଥିତ ବ୍ରହ୍ମପୁର ନୂତନ ବସଷ୍ଟାଣ୍ଡ ଯାହା ପରବର୍ତ୍ତି ସମୟରେ 'ଆଇଏସବିଟି' ବା ଇଣ୍ଟର ଷ୍ଟେଟ୍ ବସ ଟର୍ମିନାଲ ବି କାର୍ଯ୍ୟକ୍ଷମ ହୋଇପାରିନାହିଁ। ସେହିଭଳି ବ୍ରହ୍ମପୁର ତଥା ଉପକଣ୍ଠ ଲୋକଙ୍କ ଦୀର୍ଘ ଦିନର ଦାବି ବ୍ରହ୍ମପୁର ଠାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା। ଏନେଇ ସରକାରଙ୍କ ପକ୍ଷରୁ ହଳଦିଆପଦର ଠାରେ ନୂତନ କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ହୋଇସାରିଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହୋଇଛି। ପୂର୍ବରୁ ବିଭିନ୍ନ ସମସ୍ୟା କାରଣରୁ ଏହି ସମସ୍ତ ଦାବି ପୂରଣ ହୋଇପାରିନଥିବା ବେଳେ ସ୍ଥାନୀୟ ବିଧାୟକଙ୍କୁ ପରିବହନ ବିଭାଗ ଦାୟିତ୍ୱ ମିଳିବା ପରେ ଲୋକଙ୍କ ମଧ୍ୟରେ ଏନେଇ ନୂତନ ଆଶା ସଞ୍ଚାର ହୋଇଥିଲା। ତେବେ ସରକାର ଗଠନର ପ୍ରାୟ ଦେଢ ବର୍ଷ ବିତିଯାଇଥିଲେ ସୁଦ୍ଧା ଗୋଟିଏ ମଧ୍ୟ ଦାବି ପୂରଣ ହୋଇପାରିନାହିଁ। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ କୁହୁଳିବାରେ ଲାଗିଛି।

> **ପରିବହନ ମନ୍ତ୍ରୀଙ୍କ ହାତରେ ନିଜ ଅଞ୍ଚଳବାସୀଙ୍କ ବହୁ ପୁରୁଣା ସମସ୍ୟା ସମାଧାନର ଚାବିକାଠି**
>
> **ସରକାରୀ ଘୋଷଣା ସତ୍ତ୍ୱେ କାର୍ଯ୍ୟକାରୀ ହେଉନି ଅନେକ ପ୍ରକଳ୍ପ ଓ ପ୍ରସ୍ତାବ; ବଢୁଛି ଅସନ୍ତୋଷ**

ପ୍ରକାଶ ଯୋଗ୍ୟ ଯେ' ବ୍ରହ୍ମପୁର ଠାରେ ଜିଲ୍ଲାର ତୃତୀୟ ଆର୍‌ଟିଓ କାର୍ଯ୍ୟାଳୟ ପ୍ରତିଷ୍ଠା ଦାବି ବହୁ ପୁରୁଣା। ସହରରେ ଦିନକୁ ଦିନ ବୃଦ୍ଧି ପାଉଥିବା ଯାନବାହାନ ଓ ଜନସଂଖ୍ୟା ଦୃଷ୍ଟିରୁ ଏହି ଦାବି ହୋଇଆସିଛି। ୧୫ଲକ୍ଷରୁ ଅଧିକ ଜନସାଧାରଣ ବ୍ରହ୍ମପୁର ଓ ଉପକଣ୍ଠର ଲୋକଙ୍କ ସୁବିଧା ପାଇଁ ପ୍ରତିଷ୍ଠା କରିବାକୁ ସରକାରୀ ସ୍ତରରେ ସ୍ଥିର କରାଯାଇଥିଲା। ଅର୍ଥବିଭାଗ ପକ୍ଷରୁ ୨୦ ଜୁନ ୨୦୧୫ରେ ଚିଠି ସଂଖ୍ୟା ୧୭୫୮୦ରେ ପରିବହନ କମିଶନରଙ୍କୁ ଦେଲା। ଏବଂ ପରିବହନ ବିଭାଗର ଚିଠି ନମ୍ବର ୨୯/୦୮/୨୦୧୫ରେ ୧୧୪୮୯/ପରିବହନ କମିଶନର ଜିଲ୍ଲାପାଳଙ୍କୁ ଚିଠି କରିଥିଲେ। ଏକାସଙ୍ଗେ ବିଜ୍ଞପ୍ତି ପ୍ରକାଶ ପାଇଥିବା ୪ଟି ସହର ଯଥା ଭୁବନେଶ୍ୱର-୨, ଭଞ୍ଜନଗର ଓ ତାଳଚେରରେ ନୂତନ ଆରଟିଓ ଖୋଲାଯାଇଥିଲେ ହେଁ ବ୍ରହ୍ମପୁରରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବ୍ରହ୍ମପୁରରେ ସମସ୍ତ ଗାଡିର ସୋରୁମ ଥିବାବେଳେ ଲୋକେ ବ୍ରହ୍ମପୁରରୁ ଗାଡି କ୍ରୟ କରି ୨୦କିଲୋମିଟର ଦୂର ଛତ୍ରପୁରକୁ ଯାଇ ପଞ୍ଜୀକରଣ କରୁଛନ୍ତି। ଏହାକୁ ନେଇ ଗଞ୍ଜାମ ଓକିଲ ସଂଘ ଓ ପ୍ରଗତିଶୀଳ ଉତ୍କଳ ସମାଜ ପକ୍ଷରୁ ବହୁବାର ଆନ୍ଦୋଳନ ମଧ୍ୟ ହୋଇଛି। ପରେ ଜାନୁଆରୀ ୭ ୨୦୨୦ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ତତ୍କାଳୀନ ମୁଖ୍ୟବିଚାରପତି ଏସ. ମୂରଲୀଧରନ ଓ ଜଷ୍ଟିସ ଆର.କେ. ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖଣ୍ଡପୀଠ ଶୁଣାଣିରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦ୍ୱାରସ୍ଥ ହେବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଆବେଦନକାରୀ ପରିବହନ ବିଭାଗ ସହିତ ଯୋଗସୂତ୍ର ସ୍ଥାପନ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ। ପରେ ଏନେଇ ତତ୍କାଳୀନ ଗଞ୍ଜାମ ଜିଲ୍ଲାପାଳ ଆଲୋଚନା କରି ହଳଦିଆପଦର ଠାରେ ଆର୍‌ଟିଓ କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ତେବେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ।

ସେହିଭଳି ଯାନବାହାନ ସଂଖ୍ୟା ବୃଦ୍ଧି ଓ ସ୍ଥାନାଭାବରୁ ବ୍ରହ୍ମପୁରରୁ ହଳଦିଆପଦରକୁ ବସଷ୍ଟାଣ୍ଡକୁ ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ନିଆଯାଇ ବହୁ କୋଟି ବ୍ୟୟରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଯାହା ଉଦ୍‌ଘାଟନ ସତ୍ତ୍ୱେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ପରବର୍ତ୍ତି ସମୟରେ ଏହି ନୂତନ ବସଷ୍ଟାଣ୍ଡକୁ ଇଣ୍ଟର ଷ୍ଟେଟ ବସ ଟର୍ମିନାଲ ବା (ଆଇଏସବିଟି) କରାଯିବାକୁ ନିଷ୍ପତ୍ତି ହୋଇଥିଲା। କାରଣ ବ୍ରହ୍ମପୁର ଭାୟା ଦେଇ ଜାତୀୟ ରାଜପଥରେ କୋଲକୋତା, ହାଇଦ୍ରାବାଦ ଓ ରାୟପୁର ଆଦି ରାଜ୍ୟ ବାହାରକୁ ନିୟମିତ ବସ୍ ଚଳାଚଳ କରୁଛି ଏବଂ ସହରବାସୀ ଉକ୍ତ ବସ୍ ଗୁଡିକରେ ଟିକେଟ କରି ଆଇଏସବିଟି କାର୍ଯ୍ୟକ୍ଷମ ନହେବା ଫଳରେ ବିନା ଆଶ୍ରୟସ୍ଥଳୀରେ ଜାତୀୟ ରାଜପଥ କଡରେ ଅସୁରକ୍ଷିତ ଭାବେ ଅପେକ୍ଷା କରିବାକୁ ପଡୁଛି। ସେହିଭଳି ସହରରେ ଦିନକୁ ଦିନ ଭଲଭୋ ଓ ଓଏସ୍‌ଆରଟିସିର ବସ ସଂଖ୍ୟା ବୃଦ୍ଧି ଯୋଗୁଁ ଟ୍ରାଫିକ ସମସ୍ୟା ମଧ୍ୟ ବଢିବାରେ ଲାଗିଛି।

### ହୀରା ପାଇଁ ଗୁଳିମାଡ଼ରେ ବ୍ୱାଇଁ ଓ ଶଳା ଆହତ ଘଟଣା

# ପୁଲିସ କବ୍‌ଜାରେ ମୁଖ୍ୟ ଅଭିଯୁକ୍ତ

ବ୍ରହ୍ମପୁର,୬।୮(ସମିସ): ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଶାସ୍ତ୍ରୀ ନଗର ୫ଲାଇନରେ ମୂଲ୍ୟବାନ 'ହୀରା' ପାଇଁ ଫୁଟିଛି ଗୁଳି। ଗୁଳିମାଡ଼ରେ ଆହତ ହୋଇଛନ୍ତି ବ୍ୱାଇଁ ବାଳକୃଷ୍ଣ



ଆଚାରୀ (ରୁନା) ଓ ଶଳା ସୁନିଲ ସାହୁ। ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ମଳୟ ଉପାଧ୍ୟାୟଙ୍କୁ ଅଟକ ରଖିଛି।

ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଶାସ୍ତ୍ରୀନଗରର ରୁନା ଆଚାରୀଙ୍କ ପାଖକୁ ଗତ କିଛିଦିନ ପୂର୍ବରୁ ବିଶାଖାପାଟଣାର ଜଣେ ବ୍ୟବସାୟୀ କିଛି 'ହୀରା' ବିକ୍ରି କରିବା ନିମନ୍ତେ ଆଣିଥିଲେ। ହୀରାର ଦାମ ୨୦ଲକ୍ଷ ଟଙ୍କା ଥିବାବେଳେ ଏହାକୁ କ୍ରୟ କରିବା ଭଳି ଗ୍ରାହକ ଖୋଜିବାକୁ ସମ୍ପୃକ୍ତ ବ୍ୟବସାୟୀ ଜଣକ ରୁନାଙ୍କୁ କହିଥିଲେ। ହୀରା କିଣିବାକୁ ଇଚ୍ଛୁକ ଥିବା ମଳୟ ଉପାଧ୍ୟାୟଙ୍କ ସହ ରୁନାଙ୍କର ସାକ୍ଷାତ ହୋଇଥିଲା। ମଳୟ ହୀରା ଦେଖିବା ପରେ ଅନ୍ୟକିଛି ଲୋକ ଉକ୍ତ ହୀରା କିଣିବେ ଏବଂ ସେମାନଙ୍କ ସହ ବୈଠକ କରିବାକୁ ରୁନାଙ୍କୁ ପ୍ରସ୍ତାବ ଦେଇଥିଲେ। ସେହିକ୍ରମେ ମଙ୍ଗଳବାର ସନ୍ଧ୍ୟାରେ ଶାସ୍ତ୍ରୀନଗର ସ୍ଥିତ ରୁନାଙ୍କ ଘରେ ବିଶାଖାପାଟଣାର ହୀରା ବ୍ୟବସାୟୀ, ମଳୟ, ରୁନା ଓ ତାଙ୍କ ଶଳା ସୁନୀଲ ବସି ଆଲୋଚନା କରୁଥିଲେ। ମଳୟ ହୀରା କିଣିବା ନିମନ୍ତେ କିଛି ଲୋକଙ୍କୁ ଡ଼ାକିବେ ବୋଲି ରୁନାଙ୍କୁ କହିଥିଲେ। ଏହାପରେ ମଳୟଙ୍କ ଡକରା ପାଇ କେତେକ ଯୁବକ ସେଠାରେ ପହଞ୍ଚିଥିଲେ। ସମ୍ପୃକ୍ତ ଯୁବକମାନେ ହୀରା କିଣିବା ପରିବର୍ତ୍ତେ ଲୁଟି ନେବାକୁ ଉଦ୍ୟମ କରିଥିଲେ। ଯାହାକୁ ନେଇ ରୁନା ଓ ସମ୍ପୃକ୍ତ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଧସ୍ତାଧସ୍ତି ହୋଇଥିଲା। ପରେ ଯୁବକମାନେ ବାଳକୃଷ୍ଣ ଓରଫ ରୁନା ଓ ତାଙ୍କ ଶଳା ସୁନୀଲଙ୍କ ଉପରକୁ ଗୁଳି ଚଳାଇ ହୀରା ନେଇ ଫେରାର ହୋଇଯାଇଥିଲେ। ଗୁଳିମାଡ଼ ପରେ ସ୍ଥାନୀୟବାସିନ୍ଦା ରୁନା ଓ ସୁନୀଲଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଗୁଳିମାଡ଼ ଘଟଣାରେ ବର୍ତ୍ତମାନ ପୁଲିସ ମୁଖ୍ୟ ଅଭିଯୁକ୍ତ ମଳୟଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଛନ୍ତି।

### ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

# ୩ ଦିନ ପରେ ଗାଁକୁ ଫେରିଲା ମୃତଦେହ

ଦିଗପହଣ୍ଡି,୬।୮(ସମିସ): ଆନ୍ଧ୍ରପ୍ରଦେଶ ଚିତ୍ତୋର ଅଞ୍ଚଳର ଏକ ଘରୋଇ ପଥରଖଣିରେ କାମ କରୁଥିବା ଓଡ଼ିଆ ଶ୍ରମିକ କୈବଲ୍ୟ ନାୟକଙ୍କ ଗତ ସୋମବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ସନ୍ଦେହ କରୁଛନ୍ତି। ବୁଧବାର ତାଙ୍କ ମରଶରୀର ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ପଞ୍ଚାୟତ ପୈତୃକ ଗ୍ରାମ ଦଶିପୁରରେ ପହଞ୍ଚିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେବା ସହ ଦୀର୍ଘ ସମୟ ଧରି ଗ୍ରାମବାସୀ ଆମ୍ବୁଲାନ୍ସକୁ ଅଟକ ରଖି ରାସ୍ତା ଅବରୋଧ କରିଥିଲେ। କୈବଲ୍ୟ ପେଟପାଟଣା ନିମନ୍ତେ ଗତ ୬ ମାସ ପୂର୍ବେ ଏହି ପଥରଖଣିରେ ଶ୍ରମିକ ଭାବେ କାମ କରି ଆସୁଥିଲେ। ସୋମବାର ମଧ୍ୟାହ୍ନରେ ସେ ନିଜ ସ୍ତ୍ରୀଙ୍କ ସହ ମୋବାଇଲରେ କଥା ହୋଇଥିବା ବେଳେ ଅପରାହ୍ନ ପ୍ରାୟ ୩ ଟାରେ କୈବଲ୍ୟଙ୍କ ମୃତଦେହ କମ୍ପାନୀ ନିକଟସ୍ଥ ରାସ୍ତାରେ ପଡ଼ିଥିବା ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଏନେଇ ଦୁଃଖରେ ଭାଙ୍ଗି ପଡିଥିବା ପରିବାର ଲୋକେ ସାନଖେମୁଣ୍ଡି ବ୍ଲକ କଂସାମାରୀ ଗ୍ରାମର ଠିକାଦାର ଜିତୁ ଦୋରାଙ୍କ ସହ ଆଲୋଚନା ପରେ ତାଙ୍କ ମୃତଦେହ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ଅଣାଯାଇଥିଲା। ତେବେ ତାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିବା ସହ ଆମ୍ବୁଲାନ୍ସରୁ ମୃତଦେହ ନିଆଯାଇନଥିଲା। ଖବରପାଇ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ ଏବଂ ଥାନା ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରବର୍ତ୍ତୀ ସମୟରେ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ରେଡକ୍ରସ ତରଫରୁ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ଅନୁକମ୍ପାମୂଳକ ଅର୍ଥରାଶି ଦିଆଯାଇଛି। ଶେଷରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି।

# ଦୋକାନୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ

ବ୍ରହ୍ମପୁର,୬।୮(ସମିସ): ଆଙ୍କୁଶପୁର ନିକଟରେ ଥିବା ଜଣେ ଦୋକାନୀ ଓ ତାଙ୍କ ଭଣଜାକୁ ଆକ୍ରମଣ କରି ଟଙ୍କା ଲୁଟ ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଉକ୍ତ ଅଞ୍ଚଳରେ ବୁଲୁ ସାହୁଙ୍କ ଗୋଟିଏ ଦୋକାନ ରହିଛି। ଗତ ୩ତାରିଖ ରାତିରେ ସେ ଦୋକାନରେ ନଥିବା ସମୟରେ ବାଦଲ ଦାସ ଏଠାକୁ ଆସି ସିଗାରେଟ ଓ ଥଣ୍ଡାପାନୀୟ ପିଇଁଥିଲେ। ଏ ବାବଦରେ ପଇସା ମାଗିବା ପରେ ମଧ୍ୟ ଦେଇନଥିଲେ। କିଛି ସମୟ ପରେ ପୁନଃ ବାଦଲ ଓ ଶୁଭମ ଦାସ ଦୋକାନକୁ ଆସି ଜିନିଷ ଫୋପାଡ଼ିବା ସହ ଗାଳିଗୁଲଜ କରିଥିଲେ। ଏହି ସମୟରେ ବୁଲୁଙ୍କ ଭଣଜା ଶୁଭମ ବିଭୁକଲ୍ୟାଣ ସାହୁଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହା ଦେଖି ବୁଲୁଙ୍କ ଭାଇ ପ୍ରତିବାଦ କରିବାକୁ ତାଙ୍କୁ ମଧ୍ୟ ସମ୍ପୃକ୍ତ ଯୁବକମାନେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ବିଭୁଙ୍କୁ କୁକୁଡ଼ାଖଣ୍ଡି ଗୋଷ୍ଠୀସ୍ୱାସ୍ଥ୍ୟରେ ଭର୍ତ୍ତି କରାଯାଇଥିଲା। ପରେ ଘଟଣାକୁ ନେଇ ବୁଲୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ପୁଲିସ ଗାଡ଼ି ଧକ୍କାରେ ଶିଶୁ ଗୁରୁତର; ରାସ୍ତାରୋକ



ବ୍ରହ୍ମପୁର,୬।୮(ସମିସ): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାଲିପଡ଼ାଠାରେ ପୁଲିସ ଗାଡି ଧକ୍କାରେ ଜଣେ ୮ ବର୍ଷର ଶିଶୁ ଗୁରୁତର ହୋଇଛି। ଗୁରୁତର ଶିଶୁ ଜଣକ ହେଲେ ବାଲିପଡ଼ାର ସାଇରାମ ସେଠୀ। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ବୁଧବାର ପୂର୍ବାହ୍ନ ୧୧ଟାରେ ସାଇରାମ ଘରୁ ବାହାରି ଦୋକାନକୁ ଯିବାବେଳେ ବ୍ରହ୍ମପୁରରୁ ଗଜପତି ଯାଉଥିବା ଏକ ପୁଲିସ ବାଟାଲିୟନ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଓ ପୁଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସେଠାରେ ତାଙ୍କ ଚିକିତ୍ସା ଜାରି ରହିଛି। ଘଟଣାକୁ ନେଇ ଗ୍ରାମବାସୀ ଓ ଆହତ ପରିବାର ଲୋକେ ରାସ୍ତା ଅବରୋଧ କରିଥିଲେ। ଦୁର୍ଘଟଣା ଘଟାଇଥିବା ପୁଲିସ ଗାଡ଼ି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଆହତ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବି କରିଥିଲେ। ସଦର ଥାନା ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିଥିଲେ। ହେଲେ ସ୍ଥାନୀୟ ଲୋକେ ବୁଝିବାକୁ ନାରାଜ ହୋଇଥିଲେ। ତେବେ ରେଡକ୍ରସ ପକ୍ଷରୁ ୩୦ ହଜାର ଟଙ୍କା ସହାୟତା ରାଶି ଦିଆଯାଇଥିଲା। ଏହାପରେ ଲୋକେ ଧାରଣାରୁ ଓହରିଥିଲେ। ଖବର ପାଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି।

### ଧିମେଇଛି ଚାଷୀ ପଞ୍ଜୀକରଣ

# ଅଡୁଆରେ ଗରିବ ଓ ଭାଗଚାଷୀ

ବ୍ରହ୍ମପୁର/ଛତ୍ରପୁର,୬।୮(ସମିସ):

ଚଳିତବର୍ଷ ଖରିଫରେ ସରକାରଙ୍କୁ ଧାନ ବିକ୍ରୀ କରିବା ପ୍ରକ୍ରିୟା ଜାରି ରହିଛି। ପ୍ରଥମରୁ ଏହା ଧିମେଇବାରେ ଲାଗିଛି। ନୂଆ ନିୟମ ଚାଷୀଙ୍କ ଲାଗି ସଂଟକ ହୋଇଥିବା ବେଳେ ସମ୍ମତିପତ୍ର ଭାଗଚାଷୀଙ୍କୁ ଅଡୁଆ ହୋଇଛି। ଫଳରେ ଚଳିତବର୍ଷର ନୂତନ ନିୟମ ଅନୁସାରେ ସରକାରୀ ପଞ୍ଜିକରଣରୁ ଚାଷୀ ବାଦ ପଡ଼ିବା ସମ୍ଭାବନା ଜଟିଳ ହୋଇଛି। ଗଞ୍ଜାମ ଜିଲ୍ଲାରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ମାତ୍ର ୨୬ପ୍ରତିଶତ ଚାଷୀ ପଞ୍ଜିକରଣ କରିଛନ୍ତି। ଗତବର୍ଷ ଜିଲ୍ଲାରେ ୧ଲକ୍ଷ ୪୬ହଜାର ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଚଳିତବର୍ଷ ଏଥିରେ ଶିଥିଳତା ପଡ଼ିବ ବୋଲି ଅଗ୍ରଣୀ ଚାଷୀ ସଂଗଠନ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଅଭିଯୋଗ ହୋଇଛି। ଏହାର ସମ୍ପାଦକ ସୀମାଞ୍ଚଳ ନାହାକ ଅଭିଯାଗ କରିଛନ୍ତି ଯେ ଯେଉଁ ଚାଷୀ ପୂର୍ବପୁରୁଷ ଜମି ଦସ୍ତାବିଜ ଥାଇ ଚାଷ କରୁଛନ୍ତି। ସେମାନେ ଘୋଷଣା ନାମା ଦେଇ କରିପାରିବେ। ରାଜସ୍ୱ ଓ କୃଷି ଅଧିକାରୀଙ୍କ ତଦନ୍ତ ରିପୋର୍ଟରେ ଆଧାରରେ ପଞ୍ଜିକରଣ ହୋଇପାରିବ ବୋଲି ଯୋଗାଣ ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଘୋଷଣାନାମା ପତ୍ର ଏକ ସପ୍ତାହ ହେଲେ ସାମଜିକ ଗଣମାଧ୍ୟମରେ ଘୁରି ବୁଲୁଛି। କିନ୍ତୁ ଏ ପର୍ଯ୍ୟନ୍ତ ସରକାରଙ୍କ ଠାରୁ ଚିଠି ଆସିନାହିଁ ବୋଲି ଦାୟିତ୍ୱରେ ଥିବା ଅଧିକାରୀମାନେ କହୁଥିବା ଶ୍ରୀ ନାହାକ ଅଭିଯୋଗ କରିଛନ୍ତି। ଫଳରେ ସମବାୟ ବିଭାଗ ଏବେ ଦୋ ଛକିରେ ରହିଛି। ଏବେ ଚାଷୀ ହନ୍ତସନ୍ତ ହେଉଥିବା ବେଳେ ମନ୍ତ୍ରୀଙ୍କ ଘୋଷଣା ପାଣିରେ ଗାର ଭଳି ହୋଇଛି। ପଞ୍ଜିକରଣରେ ସ୍ୱଚ୍ଛତା ପାଇଁ ଏପରି ସରକାର ନେଉଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ଚାଷୀମାନେ କହୁଥିବା ବେଳେ ୪୦ବର୍ଷ ହେଲା ରେକର୍ଡ ସଂଶୋଧନ ହୋଇନଥିବା କାରଣରୁ ନୂଆ ନୀତି କଷ୍ଟକର ହେଉଥିବା ଅଭିଯୋଗ କରିଛନ୍ତି। ପ୍ରଥମେ ଭୂ-ବନ୍ଦୋବସ୍ତ କରି ରେକର୍ଡ ସଂଶୋଧନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

> **ମନ୍ତ୍ରୀଙ୍କ ଘୋଷଣା ଅଧିକାରୀ ଜାଣୁନଥିବା ଅଭିଯୋଗ**
>
> **ଏଯାବତ୍ ମାତ୍ର ୨୬ ପ୍ରତିଶତ ପଞ୍ଜିକୃତ**

ଅପରପକ୍ଷେ ଜିଲ୍ଲାରେ ଏକର ପିଛା ୨୫କ୍ୱିଣ୍ଟାଲ ଧାନ ଅମଳ ହେଉଛି ବୋଲି ପୂର୍ବ ସରକାର ୩ଥର କୃଷି କର୍ମଣ ପୁରସ୍କାର ପାଇଛନ୍ତି। ମାତ୍ର ସରକାର ଜଳସେଚିତ ଜମି ପାଇଁ ୧୯କ୍ୱିଣ୍ଟାଲ ଏବଂ ଅଣ ଜଳସେଚିତ ଜମି ପାଇଁ ମାତ୍ର ୧୩ କ୍ୱିଣ୍ଟାଲ ଧାନ କିଣୁଛନ୍ତି। ଫଳରେ ଚାଷୀଙ୍କ ଧାନ ବଳକା ରହୁଛି। ପୁଣି ୮୫%ଲୋକଙ୍କୁ ରାସନ କାର୍ଡରେ ଚାଉଳ ମିଳୁଛି। ଫଳରେ ଧାନର ଅଭାବୀ ବିକ୍ରି ଲାଗି ରହିଛି ବୋଲି ଶ୍ରୀ ନାହାନ ଅଭିଯୋଗ କରିଛନ୍ତି। ସମ୍ପ୍ରତି ପଞ୍ଜିକରଣ ନୂଆ ନିୟମ ନେଇ ଧନୀ ଓ ଶିକ୍ଷିତ ଚାଷୀ ଜମି ରେକର୍ଡ ସଂଶୋଧନ କରିଥିବା ବେଳେ ଦେଇଛନ୍ତି। କିନ୍ତୁ ଗରିବ ଚାଷୀ କରିପାରିନାହାନ୍ତି। ଭାଗ ଚାଷୀମାନେ ପୂର୍ବରୁ ଧାନ କିଣା କମିଟି ଏବଂ ରାଜସ୍ୱ ଓ କୃଷି ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ ପଞ୍ଜିକରଣ କରି ଧାନ ବିକୁଥିଲେ। ଏବେ ଜମି ମାଲିକଙ୍କ ସମ୍ମତି ଦରକାର। ଯାହା ଅସମ୍ଭବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ଋଷିକୁଲ୍ୟା ରୟତ ମହାସଭା ତରଫରୁ ସମସ୍ତ ଚାଷୀ ଓ ଭାଗ ଚାଷୀଙ୍କ ଧାନ ପଞ୍ଜିକରଣ କରିବା ପାଇଁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିବା ବେଳେ କିଛି ଫଳପ୍ରଦ ହୋଇନଥିବା ଅଭିଯୋଗ ହୋଇଛି। ପ୍ରକାଶଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲାବାସୀଙ୍କ ମୁଖ୍ୟ ବେଉଷା ଧାନ ଚାଷ। ଏଥିଦ୍ୱାରା ଅନେକଙ୍କ ପରିବାର ଚଳେ। ଧାନ ବିକିଲେ ହିଁ ବର୍ଷକର ଗୁଜରାଣ ଖର୍ଚ୍ଚ ହୋଇଥାଏ। ସରକାର ୮୦୦ଟଙ୍କା ବୋନସ ଦେଉଥିବାରୁ ଚାଷୀମାନେ ଓ ଭଗଚାଷୀମାନେ ପଞ୍ଜିକରଣ ପାଇ ଆଗ୍ରହ ଅଛନ୍ତି। କିନ୍ତୁ ସରକାରଙ୍କ ନୂଆନୀତି ଚାଷୀଙ୍କୁ ଅଡୁଆ କରିଛି। ଚାଷୀ ଏବେ ରାଜସ୍ୱ ଅଫିସ ମୋ ସେବାକେନ୍ଦ୍ର ସୋସାଇଟି ଅଫିସ ଧାଇଁ ଧାଇଁ ହତାଶ ହେଉଛନ୍ତି। ଧାନ ପଞ୍ଜିକରଣ ନୀତି କୋହଳ କରିବା ସହ ସମସ୍ତ ଚାଷୀଙ୍କ ଧାନ କିଣିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ଋଷିକୂଲ୍ୟା ରୟତ ମହାସଭା ଅନୁରୋଧ କରିଛି।

# ଠକେଇ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର,୬।୮(ସମିସ): ଏସିଜେଏମ ଜଜ୍ ମୁସରତ ଜାହିନ୍ ଏକ ଠକେଇ ମାମଲାର ବିଚାର କରି ଅଭିଯୁକ୍ତକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଅଶୋକ ନଗର ଷଷ୍ଠ ଗଳିର ବିକ୍ରମ ସାହୁ (୪୯)। ସୂଚନାଯୋଗ୍ୟ ଯେ, ନିମଖଣ୍ଡି ଥାନା ଅନ୍ତର୍ଗତ ଚଣ୍ଡିପଦର ଗ୍ରାମର ଭଗବାନ ଦାସଙ୍କ ୮ ୯୪ ଡ଼ିସିମିଲ ଜମି କ୍ରୟ କରିବାକୁ ବିକ୍ରମ ଇଚ୍ଛୁକ ଥିଲେ। ଜମି ମାଲିକ ଭଗବାନଙ୍କ ସହ ବିକ୍ରମ ସାକ୍ଷାତ କରି ଉକ୍ତ ଜମିର ମୂଲ୍ୟ ୫ଲକ୍ଷ ୪୦ହଜାର ଟଙ୍କା ନିର୍ଦ୍ଧାରଣ କରିଥିଲେ। ଗତ ୨୦୨୩ ଏପ୍ରିଲ ୧୮ରେ ବିକ୍ରମ ନଗଦ ୨ଲକ୍ଷ ୪୦ହଜାର ଟଙ୍କା ଭଗବାନଙ୍କୁ ଦେଇଥିଲେ। ଅବଶିଷ୍ଟ ଅର୍ଥ ପରେ ଦେବେ କହି ବିକ୍ରମ ଜମି ମାଲିକଙ୍କଠାରୁ ଏଗ୍ରିମେଣ୍ଟ କରି ନେଇଥିଲେ। ଏହାର ସୁଯୋଗ ବିକ୍ରମ ନେଇ ଅବଶିଷ୍ଟ ଅର୍ଥ ମାଲିକଙ୍କୁ ଦେଇନଥିଲେ। ଭଗବାନ ଟଙ୍କା ମାଗିଲେ ହତ୍ୟା ଧମକ ଦେଇଥିଲେ। ଏନେଇ ୨୦୨୩ ଅଗଷ୍ଟ ୩୦ରେ ନିମଖଣ୍ଡି ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ କରି ୩୧ତାରିଖରେ ବିକ୍ରମକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଉକ୍ତ ମାମଲାର ବିଚାରଣ ବେଳେ ସମୁଦାୟ ୫ଜଣ ସାକ୍ଷୀଙ୍କ ବୟାନ ରେକଡର୍ ହୋଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି କୋର୍ଟ ପ୍ରମାଣ ଅଭାବରୁ ବିକ୍ରମକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦ୍ଦୁଲାଙ୍କ ପକ୍ଷରୁ ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ ମକଦ୍ଦମା ପରିଚାଳନା କରୁଥିଲେ।



ସକାଳ
THE SAKALA



### ପାଞ୍ଚ ବର୍ଷ ହେଲା ସୋଲାର ଜଳ ପ୍ରକଳ୍ପ ଅଚଳ

# ଅଙ୍ଗନବାଡ଼ି ଶିଶୁ ପିଉଛନ୍ତି କୂଅପାଣି

ଫିରିଙ୍ଗିଆ, ୬।୮ (ସମିସ)



ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ୭ ନମ୍ବର ୱାର୍ଡ ଲଦା ଅଙ୍ଗନବାଡ଼ି କେନ୍ଦ୍ରରେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ପରେ ପ୍ରଶାସନ ତରଫରୁ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ଲଦାରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏକ ସୋଲାର ଜଳପ୍ରକଳ୍ପ ନିର୍ମାଣ କରାଯାଇଥିଲା। କିନ୍ତୁ ଦିନ କେଇଟା ଜଳ ଯୋଗାଣ ପରେ ଅଚଳ ହୋଇପଡ଼ିଛି। ପୁଣି ପାଣି ସମସ୍ୟାରେ ଲୋକେ ଘାଣ୍ଟି ହେଉଛନ୍ତି। କେନ୍ଦ୍ର ବାହାରେ ଗୋଟିଏ ନଳକୂପ ରହିଥିଲେ ମଧ୍ୟ ସେଥିରୁ ପାଣି ବାହାରୁନାହିଁ। ଏନେଇ ଅଭିଯୋଗ ପରେ ମଧ୍ୟ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଶୁଣୁନଥିବା କହିଛନ୍ତି ଲଦା ଗ୍ରାମବାସୀ। ବର୍ତ୍ତମାନ ଏହି ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ରରେ ସରୋଜିନୀ କହଁର କର୍ମୀ ଥିବାବେଳେ କେନ୍ଦ୍ରରେ ୧୪ ଜଣ ଶିଶୁ ପଢୁଛନ୍ତି। ପାଣି ନ ଥିବାରୁ ଅଙ୍ଗନବାଡ଼ି ସହାୟିକା ଲଦା ଗାଁର ବହୁ ଦୂରରେ ଥିବା ଏକ କୂଅରୁ ପାଣି ଆଣି ଶିଶୁଙ୍କ ପାଇଁ ଖାଦ୍ୟ ରୋଷେଇ କରିବା ସହ ଓ ପିଇବା ବ୍ୟବସ୍ଥା କରୁଛନ୍ତି। ୫ ବର୍ଷ ହେବ ସୋଲାର ପ୍ରକଳ୍ପ ଅଚଳ ପରେ ମରାମତି ହେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅଙ୍ଗନବାଡ଼ି କେନ୍ଦ୍ରର ପାଣି ସମସ୍ୟାର ସମାଧାନ ପାଇଁ ଲଦା ଗ୍ରାମବାସୀ ଦାବି କରିଛନ୍ତି।

## ବ୍ରାହ୍ମଣୀଗାଁରେ ଛାତ୍ର ବିଜେଡିର ଶୋଭାଯାତ୍ରା




ବ୍ରାହ୍ମଣୀଗାଁ, ୬।୮ (ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ଯୁବ ବିଜୁ ଜନତା ଦଳ ଓ ଛାତ୍ର ବିଜୁ ଜନତା ଦଳର ମିଳିତ ଉଦ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଟୁଥିବା ଅପରାଧ, ନାରୀ ତଥା ଛାତ୍ରୀଙ୍କ ସୁରକ୍ଷା ବିଷୟ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଏକ ଶୋଭଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭଯାତ୍ରା ସ୍ଥାନୀୟ ରଷୀମାଳ ମହାବିଦ୍ୟାଳୟ ଠାରୁ ବାହାରି ଥାନା ନିକଟରେ ପହଞ୍ଚିଥିଲା। କର୍ମୀମାନେ ବିଭିନ୍ନ ସରକାର ବିରୋଧୀ ସ୍ଲୋଗାନ ଦେଇ ଥାନାର ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ହାଇବ୍ରୁରୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳ ସଭାପତି ବିଷ୍ଣୁ ଚରଣ ମଲ୍ଲିକଙ୍କ ନେତୃତ୍ୱରେ ହୋଇଥିଲା। ଏଥିରେ ଜିଲ୍ଲା ଛାତ୍ର ସଭାପତି ସୁନିଲ ସେଠୀ, ବ୍ଲକ ଯୁବ ସଭାପତି ରଞ୍ଜନ କୁମାର ପ୍ରଧାନ, ଜିଲ୍ଲା ସମ୍ପାଦକ ବାବୁନି ପଣ୍ଡା, ବ୍ଲକ କାର୍ଯ୍ୟକାରୀ ସଭାପତି ଦିଲୀପ ପ୍ରଧାନ, ଜିଲ୍ଲା ସମ୍ପାଦକ ଦୀପକ ବିଷୋୟୀ, ବିରଞ୍ଚି ବିଷୋୟୀ, ବସନ୍ତ ପ୍ରଧାନୀ, କିଶୋର ନାୟକ, ରମେଶ ମାଝି, ଲଙ୍କେଶ୍ୱର୍ ପୂଜାରୀ, ଚିତ୍ରସେନ ପାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



ଜି.ଉଦୟଗିରି, ୬।୮ (ସମିସ): କନ୍ଧମାଳର ନୂତନ ଜିଲ୍ଲାପାଳ ବେଦଭୂଷଣ ବୁଧବାର ରାଇକିଆ ଓ ଜି.ଉଦୟଗିରି ବ୍ଲକ ପରିଦର୍ଶନରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ରାଇକିଆ ବ୍ଲକ ପରିଦର୍ଶନ କରି ଫେରିବା ପରେ ଜି.ଉଦୟଗିରି ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ଶରତ ଚନ୍ଦ୍ର ମଲ୍ଲିକ, ତହସିଲଦାର ତଥା ପରିଷଦ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ସାହୁ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ଆଦିବାସୀ ଉନ୍ନୟନ୍ ସଂସ୍ଥା ବାଲିଗୁଡ଼ା କୃପାସିନ୍ଧୁ ବେହେରାଙ୍କ ସହ ଆଲୋଚନା କରିଥିଲେ। ପରେ ସିର୍କିଡ୍ୟାମରୁ ପାନୀୟଜଳ ଯୋଗାଣ ବିଷୟରେ ଅତିରିକ୍ତ ଯନ୍ତ୍ରୀ ନରେଶ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଡୁଗୁରିପାରି ଗ୍ରାମକୁ ଯାଇ ବହୁବର୍ଷ ହେଲା ଡୁଗୁରିପାରି ଜନସାଧାରଣଙ୍କ ତରଫରୁ ପକ୍କା ସଡ଼କ ନିର୍ମାଣ ପାଇଁ ଦାବି ହେଉଥିବା ବେଳେ ଖାଲଖମା ରାସ୍ତା ବୁଲି ଦେଖିଥିଲେ। ବର୍ତ୍ତମାନର ରାସ୍ତା ଦେଖି ଉପସ୍ଥିତ ଅଧିକାରୀମାନଙ୍କ ସହ ସମାଧାନ ନିମନ୍ତେ ଆଲୋଚନା କରିଥିଲେ। ଶେଷରେ ଜିଲ୍ଲାପାଳ ତାଲାରିମାହା ପଞ୍ଚାୟତରେ ଚାଷ କରାଯାଇଥିବା ଲେମନ ଗ୍ରାସ ବୁଲି ଦେଖିବା ସହ ନୂତନ ଭାବେ ନିର୍ମିତ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ବୁଲି ଦେଖିଥିଲେ। ଜିଲ୍ଲାପାଳଙ୍କ ଏହି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅସିତ୍ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ପବିତ୍ର ସାହୁ, ପାନୀୟଜଳ ଯୋଗାଣ ଅତିରିକ୍ତ ଯନ୍ତ୍ରୀ ନରେଶ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଯୁବତୀଙ୍କୁ ଶିକୁଳି ବନ୍ଧା ଘଟଣା

## ଉଚ୍ଚନ୍ୟାୟାଳୟର ହସ୍ତକ୍ଷେପ ପରେ ପ୍ରଶାସନର ତତ୍ପରତା



ପାରଳାଖେମୁଣ୍ଡି, ୬।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଗୋଡରେ ଶିକୁଳି ବନ୍ଧା ଜ୍ୟୋତିମା ଦୁଃଖ ଜଣାଇବାକୁ ଗତ ସୋମବାର ଦିନ ଆସିଥିଲେ। ଏହି ଖବର କିଛି ଗଣମାଧ୍ୟମରେ ପ୍ରକାଶ ପରେ କଟକ ସ୍ଥିତ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିଛନ୍ତି। ଗଜପତି ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଯୋଗାଯୋଗ କରି ବିଚାରପତି ଜ୍ୟୋତିମାଙ୍କ ସହ ଭିଡିଓ କଲ୍ ମାଧ୍ୟମରେ କଥା ହେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏହାକୁ ନେଇ ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ ଜ୍ୟୋତିମାଙ୍କ ଗ୍ରାମ ଗୁମ୍ମା ବ୍ଲକ ତରଙ୍ଗଡ଼ା ପଞ୍ଚାୟତ ଅନ୍ତର୍ଗତ ବାଡାବାଡାରେ ପହଞ୍ଚିଥିଲେ। ଏପରିକି ଜିଲ୍ଲା ପ୍ରଶାସନ ତରଫରୁ ଗୁମ୍ମା ବ୍ଲକ ପ୍ରଶାସନ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଜ୍ୟୋତିମାଙ୍କ ସହ ଓ ତାଙ୍କ ପରିବାର ନିକଟରେ ପହଞ୍ଚିଥିଲେ। ସେଠାରେ ଜ୍ୟୋତିମାଙ୍କ ବିଭିନ୍ନ ସ୍ୱାସ୍ଥଗତ ପରୀକ୍ଷା ଓ ସରକାରୀ ଯୋଜନା ଗୁଡିକ ପାଇଛନ୍ତି କି ନାହିଁ ତାହାର ତଦନ୍ତ ହୋଇଥିଲା। ୨୪ ଘଣ୍ଟା ମଧ୍ୟରେ ଜ୍ୟୋତିମାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଉଚ୍ଚ ନ୍ୟାୟାଳୟର ବିଚାରପତି କହିଥିଲେ। ଶେଷରେ ଜ୍ୟୋତିମାଙ୍କ ବାପା ପାଉଲ ଭୂୟାଁ ଓ ମା ତେସଲାନି ଭୂୟାଁଙ୍କ ଆର୍ଥିକ ବୋଝ ଦୂର କରିବାପାଇଁ ମଧ୍ୟ ପ୍ରଶାସନ ସହଯୋଗର ହାତ ବଢ଼ାଇବା ପାଇଁ କହିଥିଲେ। ଉଚ୍ଚ ନ୍ୟାୟାଳୟର ହସ୍ତକ୍ଷେପ ପରେ ଜ୍ୟୋତିମାଙ୍କ ପାଇଁ ଜିଲ୍ଲା ପ୍ରଶାସନ ତତ୍ପର ହୋଇପଡ଼ିଛି। ଆଜି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଗାଡିର ବ୍ୟବସ୍ଥା କରି ଜ୍ୟୋତିମାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଏକାଧିକ ଚିକିତ୍ସକଙ୍କ ଦ୍ୱାରା ବିଭିନ୍ନ ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଛି। ଜ୍ୟୋତିମାଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡର ଇ-କେୱାଇସିର ନବୀକରଣ ଆଦି ସହ ସିଟି ସ୍କାନ୍ କରାଯାଇଛି।

### ● ଗୁଣି ସନ୍ଦେହରେ ଯୁବକକୁ ହତ୍ୟା କରି ପୋତିଦେଲେ

## ଜଙ୍ଗଲରେ ଶବ ଖୋଜୁଛି ପୁଲିସ; ୮ ଅଟକ

ମୋହନା, ୬।୮ (ସମିସ): ପୁଣି ଗୁଣି ସନ୍ଦେହରେ ହତ୍ୟା। ଏଭଳି ଅଭିଯୋଗ ଆସିଛି ଗଜପତି ଜିଲ୍ଲା ମୋହନା ଥାନା କୁସୁମପୁର ଗାଁରୁ। ଜିରାଙ୍ଗ ପଞ୍ଚାୟତ କମଳାପୁର ଗାଁର କରୁଣାକର ଦଳାଇ(୩୦)ଙ୍କୁ କୁସୁମପୁର ଗାଁର କିଛି ଯୁବକ ମିଶି ହତ୍ୟା କରିବା ପରେ ପୋତି ଦେଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ। କମଳାପୁର ଗାଁର କରୁଣାକର ଦଳାଇ ନାମକ ଯୁବକ ପାଖାପାଖି ୮ ମାସ ହେବ କୁସୁମପୁର ଗାଁରେ ରହି ଆସୁଥିଲେ। ଗାଁରେ ରହି ଲୋକଙ୍କୁ ଚେରମୂଳି ଔଷଧ ଦେଉଥିଲେ। କିଛିଦିନ ତଳେ କୁସୁମପୁର ଗାଁର ଜଣେ ବ୍ୟକ୍ତିଙ୍କ ୧୨ ବର୍ଷର ପୁଅ ମୃତ୍ୟୁବରଣ କରିଥିଲା। ଏଥିପାଇଁ ଗାଁ ଲୋକେ କରୁଣାକର ହିଁ ଗୁଣି କରି ମାରିଦେଇଥିବା ସନ୍ଦେହ କରୁଥିଲେ। ଯାହାକୁ ନେଇ ଗତ ଜୁଲାଇ ୨ରେ କିଛି ଗାଁଲୋକେ ଅଙ୍ଗନାବାଡ଼ି କେନ୍ଦ୍ରରେ କରୁଣାକରଙ୍କୁ ରଖି ହାତ ଗୋଡ଼ ବାନ୍ଧି ମାଡ଼ ମାରିଥିଲେ। ପ୍ରବଳ ମାଡ଼ ମାରି କରୁଣାକରଙ୍କୁ ହତ୍ୟା କରିବା ପରେ ଗାଁ ନିକଟସ୍ଥ ଜଙ୍ଗଲରେ ପୋତି ଦେଇଥିବା ପରିବାର ଲୋକେ ମୋହନା ଥାନାରେ ଅଭିଯୋଗ କରିଛନ୍ତି। ମୃତ କରୁଣାକରଙ୍କ ଭାଉଜ ସବିତା ଦଳାଇଙ୍କ ଅଭିଯୋଗ ପରେ ପୁଲିସ କୁସୁମପୁର ଗାଁରେ ପହଞ୍ଚି ତନାଘନା କରୁଛି। କରୁଣାକରଙ୍କୁ ହତ୍ୟାକରି ହତ୍ୟାକାରୀମାନେ କେଉଁଠି ପୋତିଛନ୍ତି ଜଙ୍ଗଲରେ ତନ୍ନ ତନ୍ନ କରି ଯାଞ୍ଚ କରୁଛି ପୁଲିସ। ଗାଁର ୮ ଜଣଙ୍କୁ ଅଟକ ରଖି ପଚରା ଉଚରା କରାଯାଉଥିବା ଥାନା ଅଧିକାରୀ ବସନ୍ତ ସେଠି କହିଛନ୍ତି।

## ଗୁମ୍ମାର ଅତିନିଆଲ ପାଇଲେ ଓଆଇଏସ୍



ଗୁମ୍ମା, ୬।୮ (ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ମୁନୁସିଂ ପଞ୍ଚାୟତ ବାରାଙ୍ଗସିଂ ଗ୍ରାମର ମେଧାବୀ ଛାତ୍ର ଅତିନିଆଲ ନାଇକା ଓଡ଼ିଶା ସୂଚନା ସେବା(ଓଆଇଏସ)ରେ ୩୮ତମ ସ୍ଥାନରେ ରହି କୃତିତ୍ୱ ହାସଲ କରିଛନ୍ତି। ପିତା ଦୁକାନ ନାଇକା ଓ ମାତା ଡୋକମି ନାଇକାଙ୍କ ଏକମାତ୍ର ପୁଅ ଅତିନିଆଲ ପ୍ରଥମ ପ୍ରଚେଷ୍ଟାରେ ଓଆଇଏସ୍‌ରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତାଙ୍କ ସଫଳତା ପାଇଁ ଗୁମ୍ମା ବ୍ଲକର ଆଦିବାସୀ ସମାଜ ଓ ଗ୍ରାମବାସୀ ଖୁସି ପ୍ରକାଶ କରିଛନ୍ତି। ଅତିନିଆଲ ସ୍ଥାନୀୟ ବି.କଲାକଟ ସ୍ଥିତ ସରକାରୀ ବିଦ୍ୟାଳୟରେ ଶିକ୍ଷା ଆରମ୍ଭ କରି ଦଶମ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ। ଏସକେସିଜି କଲେଜରୁ ଯୁକ୍ତ୨, ଖଲ୍ଲିକୋଟ କଲେଜରୁ ଯୁକ୍ତ ୩, ଆନ୍ଧ୍ରପ୍ରଦେଶରେ ସ୍ନାତକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅମିତ କଲେଜରେ ସାମ୍ବାଦିକତାରେ ସ୍ନାତକୋତର ଅଧ୍ୟୟନ କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା


ଫିରିଙ୍ଗିଆ, ୬।୮ (ସମିସ): ଫିରିଙ୍ଗିଆ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ସୁମନ୍ତ କୁମାର ମାଝୀ ଏହାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ସରସ୍ୱତୀ ଶିଶୁମନ୍ଦିର ସଭାପତି ସତ୍ୟବାଦୀ ସାହୁ, ସମ୍ପାଦକ ଅଜିତ କୁମାର ସାହୁ ଉପସ୍ଥିତ ଥିଲେ।



ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ଅତିଥି ପରିଚୟ ପ୍ରଦାନ ପରେ ମେଳା ସମ୍ପର୍କରେ ଆଲୋକପାତ କରିଥିଲେ। ୫୦ ଛାତ୍ରଛାତ୍ରୀ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ସନ୍ତୋଷ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ପ୍ରଜାତିର କୁର୍ମି (ନେମାଟୋଡ଼) ଚିହ୍ନଟ

ଗୋପାଳପୁର, ୬।୮ (ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ପ୍ରଜାତିର କୁର୍ମି (ନେମାଟୋଡ଼) ଆଡମିରାଣ୍ଡସ୍ ଓଡ଼ିଶା ଏନସିସ ଚିହ୍ନଟ ହୋଇଛି। ଭାରତ ବର୍ଷରେ ଏହା ପ୍ରଥମ ଥର ଚିହ୍ନଟ ହୋଇଥିବା ବେଳେ ପୂର୍ବରୁ ବିଶ୍ୱରେ ୩ଟି ପ୍ରଶାନ୍ତ ମହାସାଗରରୁ ଏବଂ ଗୋଟିଏ ଭାରତ ମହାସାଗର ଆଫ୍ରିକାରୁ ଦେଖିବାକୁ ମିଳିଥିଲା। ଏହାକୁ ୨୦୨୩ ନଭେମ୍ବରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ସୁମନ ପାତ୍ର ଏବଂ ଲଭଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଗବେଷିକା ଅମିତା କୁମାରୀ ଚୌଧୁରୀ ଓଡ଼ିଶାର ଚିଲିକା ନିକଟସ୍ଥ ସାତପଡ଼ା ମୁହାଣର ଅନ୍ତଃ ଜୁଆର ଜୋନ ଅଞ୍ଚଳରୁ କିଛି ନମୁନା ସଂଗ୍ରହ କରି ଛଣା ଦ୍ୱାରା ଛାଣି ଏହାକୁ ମାଇକ୍ରୋସ୍କୋପରେ ଦେଖି ଏଥିରୁ କିଛି କୁର୍ମି ବାହାର କରିଥିଲେ। ଏହାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ପରୀକ୍ଷା ଗାରରେ ସହକାରୀ ପ୍ରଧ୍ୟାପକ ଶେଷଦେବ ପାତ୍ର ଏବଂ ଗବେଷିକା ସୁମନ ପାତ୍ର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ପରେ ଏହାର ତଥ୍ୟ ନ୍ୟୁଜିଲ୍ୟାଣ୍ଡର ନିୱା ସଂସ୍ଥାର ମାର୍ଗଦର୍ଶକ ଡ଼.ଡେନିଆଲ ଲେଡୁଶଙ୍କୁ ପ୍ରଦାନ କରି ପରାମର୍ଶ ନେବା ପରେ ଏହା ଏକ ନୂତନ ପ୍ରଜାତିର କୁର୍ମି ଚିହ୍ନଟ ହେବା ପରେ ଏହାକୁ ଓଡ଼ିଶାରେ ମିଳିଥିବାରୁ ଏହାର ନାମ କରଣ 'ଆଡମିରାଣ୍ଡସ୍ ଓଡ଼ିଶା ଏନସିସ'ରଖାଗଲା। ପରେ ଜୋନାଲ ଅଫ ନେଚୁରାଲ ହିଷ୍ଟୋରୀ (ଲଣ୍ଡନ) ପୁସ୍ତିକାରେ ପ୍ରକାଶିତ ହୋଇଛି। ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଏହି କୁର୍ମି ଗୁଡ଼ିକ ଗୋଲାକୃତ କେଞ୍ଚୁଆ ଭଳି ରହିଥାଏ। ଏମାନଙ୍କ ମୁଣ୍ଡ ଗୋଲିଆ ରହିଥିବା ବେଳେ ଉପର ମାଢ଼ିରେ ଏକ ଗୋଟି ଦାନ୍ତ ଓ ତଳ ମାଢିରେ ଦୁଇଟି ଦାନ୍ତ ରହିଛି। ଏହି ଦାନ୍ତ ଗୁଡ଼ିକ ମୁନିଆ ରହିଥାଏ। ଏମାନେ ସମୁଦ୍ରର ଜୁଆର ଜୋନ ଅଞ୍ଚଳରୁ ପଚା ଜୀବକୁ ଖାଦ୍ୟ ଭାବେ ବ୍ୟବହାର କରନ୍ତି। ଏମାନେ ବିଷାକ୍ତ ନୁହନ୍ତି। ଏମାନଙ୍କୁ ସମୁଦ୍ରରେ ରହୁଥିବା ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଏବଂ ଛୋଟ ଛୋଟ ମାଛ ଖାଦ୍ୟ ଭାବେ ଗ୍ରହଣ କରନ୍ତି। ଏମାନଙ୍କ ରଙ୍ଗ ଫିକା ଧୂସର ଅଟେ। ଏମାନେ ସମୁଦ୍ରରେ ଉର୍ବରତା ବଢ଼ାନ୍ତି। ଏମାନେ ମୁହାଁଣ ଅଞ୍ଚଳରେ ରହିଥାନ୍ତି। ଏମାନେ ଛୁଆ ଦିଅନ୍ତି ଏବଂ ଏହାରି ଉପରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଥିବା ବିଭାଗର ସହକାରୀ ପ୍ରଧ୍ୟାପକ ଶେଷଦେବ ପାତ୍ର ଓ ଗବେଷିକା ସୁମନ ପାତ୍ର ସୂଚନା ଦେଇଛନ୍ତି।




## ୭ ବର୍ଷ ପରେ ଖୋଲିଲା ବୁଢ଼ାଗୁଡ଼ା ଫାଣ୍ଡି



ବାଲିଗୁଡା, ୬।୮ (ସମିସ): ବାଲିଗୁଡା ଥାନା ବୁଢ଼ାଗୁଡା ଫାଣ୍ଡି ଦୀର୍ଘ ବର୍ଷ ପରେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଏବଂ ବାଲିଗୁଡା ଏସଡିପିଓଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସାତ ବର୍ଷ ହେବ ବୁଢ଼ାଗୁଡା ଫାଣ୍ଡି ବନ୍ଦ ରହିଥିଲା। ବୁଢ଼ାଗୁଡା ପଞ୍ଚାୟତର ନିକଟରେ ରହିଥିବା ଅନ୍ୟ ସାତ ପଞ୍ଚାୟତ କୋଟଗଡ଼ ବ୍ଲକର ପକାରୀ ଓ ପାରିଗଡ଼, ବାଲିଗୁଡା ବ୍ଲକର ରତୁଙ୍ଗିଆ, ଦାରିଙ୍ଗବାଡି ବୁଢ଼ାଗୁଡା ଫାଣ୍ଡି ବୁଡାଗୁଡା, ତିଲୋରୀ, କିରୀକୁଟି ଓ ଗୁମିକିଆର ଲୋକେ ଆଇନଶୃଙ୍ଖଳା ସମେତ ଅନ୍ୟାନ୍ୟ ସୁବିଧା ପୁଲିସ ବାହିନୀ ସହଯୋଗରୁ ବଞ୍ଚିତ ରହିଥିଲେ। ଦୀର୍ଘ ଦିନର ଗୁହାରି ପରେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ହରିଶ୍ ବିଶି, ବାଲିଗୁଡା ଏସଡ଼ିପିଓ ରମେନ୍ଦ୍ର ପ୍ରସାଦଙ୍କ କରକମଳରେ ବୁଢ଼ାଗୁଡ଼ା ଫାଣ୍ଡିର ଶୁଭ ଉଦଘାଟନ ହୋଇଛି। ଏହି ଫାଣ୍ଡିରେ ଜଣେ ଏଏସଆଇଙ୍କ ସହ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ବାଲିଗୁଡ଼ା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଏହି ଉଦଘାଟନୀ ଉତ୍ସବରେ ବାଲିଗୁଡା ଥାନା ଅଧିକାରୀ ସମ୍ବିତକୁମାର ସ୍ୱାଇଁ, ବୁଢ଼ାଗୁଡା ସରପଞ୍ଚ ତାତୁରା ପ୍ରଧାନଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ବୁଢ଼ାଗୁଡା ଫାଣ୍ଡି ଶୁଭାରମ୍ଭ ଫଳରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯିବା ସହ ପୁଲିସ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ଅଞ୍ଚଳବାସୀ।

## ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାବଣ୍ଟନ




ଗୁମ୍ମା, ୬।୮ (ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପଦ୍ମପୁର ସ୍ଥିତ ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରାବଣ୍ଟନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଯୁବ ରେଡକ୍ରସ୍, ଜତୀୟ ସେବା ଯୋଜନା ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଗଜପତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଚାରାରୋପଣର ଉପାଦେୟତା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନୀତ ଅତିଥି ଭାବେ ବିନୋଦ ଚନ୍ଦ୍ର ଜେନା ଓ ବିଚିତ୍ରାନନ୍ଦ ବେବର୍ତ୍ତା ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଏକାଦଶ ଶ୍ରେଣୀର ୩୨୦ ଜଣ ଛାତ୍ରଛାତ୍ରୀଙ୍କୁ ଚାରାବଣ୍ଟନ ପରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ଯୁବ ରେଡକ୍ରସ ସଂଯୋଜିକା କଳ୍ପନା ପଣ୍ଡା ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଉନ୍ନୟନ ସମୀକ୍ଷା ବୈଠକ

# 'ମିଳିତ ଭାବେ କାମକଲେ ଜିଲ୍ଲାର ବିକାଶ ହେବ'

ପାରଳାଖେମୁଣ୍ଡି, ୬।୮ (ସମିସ)




ଗଜପତି ଜିଲ୍ଲାପାଳ ମଧୁମିତାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପ୍ରଭାରୀ ତଥା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶଙ୍କର କେର୍କେଟା ଓ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ମଞ୍ଚାସୀନ ଥିଲେ। ଜିଲ୍ଲାବାସୀ, ସମସ୍ତ ଜପ୍ରତିନିଧି ଓ ଜିଲ୍ଲାର ସମସ୍ତ ପଦାଧିକାରୀ ଗୋଟିଏ ଟିମ ହୋଇ କାମ କଲେ ଜିଲ୍ଲା ସମସ୍ତ କ୍ଷେତ୍ରରେ ବିକାଶ କରିପାରିବ ବୋଲି ମନ୍ତ୍ରୀ କହିଥିଲେ। ସମ୍ପୂର୍ଣ୍ଣତା ଅଭିଯାନରେ ଗଜପତି ଜିଲ୍ଲା ୩ଟି ପଦକ ହାସଲ କରିଛି। ଏହାର ଶ୍ରେୟ ଜିଲ୍ଲାବାସୀଙ୍କର ବୋଲି ମନ୍ତ୍ରୀ ହରିଚନ୍ଦନ କହିଥିଲେ। ଆକାଂକ୍ଷା ହାଟ ୭ ଦିନ ପର୍ଯ୍ୟନ୍ତ ରହିବ। ଏହି ହାଟ ମାଧ୍ୟମରେ ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକୁ ବ୍ରାଣ୍ଡିଂ କରି ଅନ୍‌ଲାଇନ ପ୍ଲାଟଫର୍ମରେ ସାମିଲ୍ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନଙ୍କର ଆର୍ଥିକ ବିକାଶ ହେବ।

ଏହି ହାଟରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦ୍ରବ୍ୟର ବିକ୍ରିବଟା ହେବ। ନୀତି ଆୟୋଗ ଅଧୀନରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ୬ ବର୍ଗରେ ସଫଳତା ମିଳିଛି। ଗଜପତି ଜିଲ୍ଲାସ୍ତରରେ ଆକାଂକ୍ଷୀ ବ୍ଲକ ଭାବେ ଆର.ଉଦୟଗିରି ଓ ଗୁମ୍ମା ବ୍ଲକକୁ ୩୦ ଲେଖାଏଁ ପଦକ ମିଳିଛି। ସମଗ୍ର ଦେଶରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ଏହିଭଳି ବିରଳ କୃତିତ୍ୱ ହାସଲ କରିବାରେ ଗଜପତି ଏକମାତ୍ର ଜିଲ୍ଲା ବୋଲି କୁହାଯାଇଛି। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ପିରାମଲ୍ ଫାଉଣ୍ଡେସନକୁ ସମ୍ମାନୀତ କରାଯାଇଥିଲା। ସେହିପରି ଗୁମ୍ମା ଓ ଆର.ଉଦୟଗିରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସିଡିପିଓ ଓ ଅନ୍ୟ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।

ପରେ ପରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଉନ୍ନୟନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଗ୍ରାମୀଣ ଗୃହ ନିର୍ମାଣ, ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ, ଯୋଗାଣ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ, ଜଙ୍ଗଲ ଓ ପରିବେଶ, କୃଷି, ରାସ୍ତା ଓ କୋଠାବାଡି ବିଭାଗ ଉପରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାକୁ ଉନ୍ନତି ଦିଗରେ ନେବାକୁ ସମସ୍ତ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ଚାଲୁ ରହିଥିବା କାର୍ଯ୍ୟକୁ ତୁରନ୍ତ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଗଛରେ ପିଟିହେଲା ଡାଲା ଅଟୋ; ଚାଳକ ଗୁରୁତର

ଦିଗପହଣ୍ଡି,୬।୮ (ସମିସ): ଦିଗପହଣ୍ଡି - ଘୋଡାହାଡ ଡ୍ୟାମ ରାସ୍ତାର ବିଦେଶୀ ମଦ ଦୋକାନ ନିକଟରେ ବୁଧବାର ଏକ ଖଇ ବୋଝେଇ ଡାଲାଅଟୋ ରାସ୍ତାକଡ଼ ଗଛରେ ପିଟି ହେବାରୁ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ସାନଖେମୁଣ୍ଡି ବ୍ଲକ ଛଣମେରୀ ଗ୍ରାମର ପବିତ୍ର ନାୟକ। ପବିତ୍ର ଅଟୋ ନେଇ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବେଳେ ପ୍ରବଳ ବର୍ଷା ସହ ପ୍ରଚଣ୍ଡ ଶବ୍ଦରେ ଘଡ଼ଘଡ଼ି ମାରିଥିଲା। ପ୍ରଚଣ୍ଡ ଶବ୍ଦରେ ସେ ହଡ଼ବଡ଼େଇ ଗାଡିରୁ ନିୟନ୍ତ୍ରଣ ହରାଇ ଗଛକୁ ଧକ୍କା ଦେଇଥିବା ଜଣାପଡିଛି। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଗୁରୁତର ଅବସ୍ଥାରେ ଚାଳକଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

# ବଜ୍ରପାତରେ ଜଣେ ମୃତ; ୮ ଗୁରୁତର



ରାୟଗଡ଼,୬।୮ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ଥାନା ମାର୍ଲବା ପଞ୍ଚାୟତ ପେକଟ ଗ୍ରାମରେ ବୁଧବାର ସନ୍ଧ୍ୟାରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୮ ଜଣ ମହିଳା ଗୁରୁତର ହୋଇଛନ୍ତି। ମୃତ ମହିଳା ହେଲେ ତିଳସ ଗମାଙ୍ଗଙ୍କ ପତ୍ନୀ ମୋନି ଗମାଙ୍ଗ (୩୪)।

ପ୍ରକାଶ ଯେ, ପେକଟ ଗ୍ରାମର ପ୍ରାୟ ୯ଜଣ ମହିଳା ଗାଁ ନିକଟସ୍ଥ କାଜୁ ଜଙ୍ଗଲକୁ କାମ କରିବାକୁ ଯାଇଥିଲେ। କାମ ସାରି ଘରକୁ ଫେରିବା ବେଳେ ସନ୍ଧ୍ୟାରେ ହଠାତ ବଜ୍ରପାତ ସହ ବର୍ଷା ହୋଇଥିଲା। ସମସ୍ତେ ଏକ ଗଛ ମୂଳେ ଆଶ୍ରୟ ନେଇଥିବାବେଳେ ଗଛ ଉପରେ ବଜ୍ରପାତ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ମୋନି ଗମାଙ୍ଗଙ୍କ ମୃତ୍ୟୁ ହୋଇଥିବା ବେଳେ ସୁଶୀଳା ଶବର(୫୬), ସୁନନ୍ତି ଶବର(୫୦), ନମିତା ରାଇକା(୨୬), ସୁଗନ୍ତି ରାଇକା(୩୭), ସାବିତ୍ରୀ ଶବର(୨୦), ସୁଶାନ୍ତୀ ଶବର(୪୦), ସୁଭଦ୍ରା ଶବର (୨୫) ଓ ସୁନାଇ ଶବର (୪୦) ଗୁରୁତର ଆହତ ହୋଇଥିଲେ। ଖବର୍ ପାଇଁ ସରପଞ୍ଚ ଜଳନ୍ଧର କାର୍ଜୀଙ୍କ ସମେତ ଗ୍ରାମବାସୀ ଉକ୍ତ ପାହାଡ଼ ଉପରକୁ ଯାଇ ସମସ୍ତଙ୍କୁ ଉଦ୍ଧାର କରି ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କନ୍ଧୁଣି ଦେବୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ସୋରଡ଼ା,୬।୮ (ସମିସ): ସୋରଡ଼ା ସ୍ଥିତ ମା' କନ୍ଧୁଣୀ ଦେବୀଙ୍କ ଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସେପ୍ଟେମ୍ବର ୪ରୁ ଆରମ୍ଭ ହୋଇ ଅକ୍ଟୋବର ୧୪ ପର୍ଯ୍ୟନ୍ତ ଯାତ୍ରା ଅନୁଷ୍ଠିତ ହେବ। ଆସନ୍ତା ୯ ତାରିଖ ସନ୍ଧ୍ୟାରେ ଶୁଭଖୁଣ୍ଟି ସ୍ଥାପନ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ସୋରଡ଼ା ବିଧାୟକ ତଥା ଯାତ୍ରା କମିଟି ସଭାପତି ନୀଳମଣି ବିଷୋୟୀ, ଏନ୍‌ଏସି ଅଧକ୍ଷ ଶିବ ଶଙ୍କର ପଣ୍ଡା, ଅତିରିକ୍ତ ତହସିଲଦାର ଦୀନବନ୍ଧୁ ପିଙ୍ଗୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର, ଥାନା ଭାରପ୍ରାପ୍ତ ଏଏସ୍‌ଆଇ ଅବିନାଶ କହଁର, ମନ୍ଦିର ଟ୍ରଷ୍ଟି ଶିବ ସୁଆର, ଯାତ୍ରା କମିଟିର ସମ୍ପାଦକ ରଜନୀକାନ୍ତ ମହାପାତ୍ରଙ୍କ ସହିତ ଅନ୍ୟ ସଭ୍ୟ ବୃନ୍ଦ, ବିଜେପି ସୋରଡ଼ା ମଣ୍ଡଳ ସଭାପତି ଭି. ଜଗଦୀଶ ରାଜୁ, ଆମେ କଳାକାର ସଂଘ ସଭ୍ୟ, ପ୍ରମୋଦ ଅଧିକାରୀ, ସୋରଡା ଏନ୍‌ଏସି ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସୁଆର ଓ ସହରର ସମସ୍ତ ନେତୃ ସ୍ଥାନୀୟ ଜନସାଧାରଣ, ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ, ଋଷିକୁଲ୍ୟ ବଣିକ ସଂଘ ସଭ୍ୟ, ବଜାର ବଣିକ ସଙ୍ଘ ସଭ୍ୟ, ବରିଷ୍ଠ ସମାଜସେବୀ ଲକ୍ଷ୍ମୀଚରଣ ପଣ୍ଡା, ପ୍ରମୋଦ କୁମାର ବେବର୍ତ୍ତା ପଟ୍ଟନାୟକ, ଦୁର୍ଗା ଚରଣ ଶତପଥୀ, କୈଳାଶ ପଣ୍ଡା, ଏନ୍ ସନ୍ତୋଷ ଚୌଧୁରୀ, ଲଡୁ କିଶୋର ଦାସ, ମନୋରଞ୍ଜନ ସୁଆରଙ୍କ ସହ ବହୁ ଶୁଭେଚ୍ଛୁ ଯୋଗ ଦେଇଥିଲେ।

● ଅବକାରୀ ଓ ପୁଲିସର ଚଢ଼ଉ

# ୩୫୦୦ଲିଟର ପୋଚ ନଷ୍ଟ

ସୋରଡ଼ା,୧୭।୫ (ସମିସ): ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶ କ୍ରମେ ଆସ୍କା ରେଞ୍ଜ ଅଧିକ୍ଷକ ଡମ୍ବୁରୁଧର ହରିଜନ, ସୋରଡ଼ା ଅବକାରୀ ଥାନାଧିକାରୀ ଦେବସ୍ମିତା ନାୟକଙ୍କ ତତ୍ତ୍ୱାବଧାନ ମୋବାଇଲ ସ୍କ୍ୱାଡ ଅଂଶୁମାନ ଜେନା, ଏଏସ୍‌ଆଇ ସୁରେନ୍ଦ୍ର କୁମାର ପଣ୍ଡା, ମିଥୁନ କୁମାର ବିଶ୍ୱାଳ, ସୁଜିତ ସାହୁ, ଜୀବନ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବଡଗଡ଼ ଥାନାଧିକାରୀ ସନ୍ତୋଷ କୁମାର ବେହେରା, ଏଏସଆଇ ରାଜେନ୍ଦ୍ର ପ୍ରସାଦ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀଙ୍କ ସହଯୋଗରେ ଗଡଚିକିଲି ଗ୍ରାମରେ ଚଢ଼ଉ କରି ୩୫୦ ଲିଟର ଦେଶୀ ରନ୍ଧାମଦ, ୩୫୦୦ ଲିଟର ମହୁଲ, ଗୁଡ଼ ପୋଚ ଓ ବିପୁଳ ପରିମାଣର ମଦ ତିଆରି ସାମଗ୍ରୀ ଜବତ କରିଥିବା ବେଳେ କୌଣସି ଅଭିଯୁକ୍ତ ଗିରଫ ହୋଇନଥିବା ଜଣାପଡିଛି।

ଓଡ଼ିଆ ଅସ୍ମିତା ସରକାରଙ୍କ ଓଡ଼ିଆ ଭାଷାକୁ ହତାଦର

# ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ଇଂରାଜୀ ବ୍ୟାନର

ପାରଳାଖେମୁଣ୍ଡି,୬।୮ (ସମିସ)




ଅସ୍ମିତାର କଥା କହି ସରକାରକୁ ଆସିଥିବା ସରକାରର ଭାଷା ପ୍ରୀତି ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଗଜପତି ଜିଲ୍ଲାରେ ସରକାରୀ କାର୍ଯ୍ୟକ୍ରମ ଓ ବୈଠକରେ ଆଉ ଓଡ଼ିଆ ଭାଷା ବ୍ୟବହାର କରାଯାଉନାହିଁ। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହରେ ଆଜି ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ସରକାରଙ୍କ ଓଡ଼ିଆ ପ୍ରୀତି କେତେ ଜଣାପଡ଼ିଛି।

ଆଜି ଅନୁଷ୍ଠିତ ହୋଇଥିବା ଏହି ସମାରୋହରେ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ଷ୍ଟଲ୍ ଖୋଲାଯିବା ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିଲା। ପ୍ରତିଷ୍ଠାନର ପ୍ରବେଶ ପଥରୁ ଆରମ୍ଭ କରି ମଞ୍ଚ ଉପରେ କାର୍ଯ୍ୟକ୍ରମ ସମ୍ପର୍କିତ ବଡ଼ ବଡ଼ ଫ୍ଲେକ୍ସ ଲଗାଯାଇଥିଲା। ସେଗୁଡିକରେ କେବଳ ଇଂରାଜୀ ଭାଷାରେ କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ ରହିଥିଲା। ଏହି କାର୍ଯ୍ୟକ୍ରମକୁ ଗଜପତି ଜିଲ୍ଲା ପ୍ରଭାରୀ ତଥା ଆଇନ, ଅବକାରୀ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦଘାଟନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥି ପରିଚୟ ପ୍ରଦାନ ଶେଷ ହେବା ସଙ୍ଗେ ସଙ୍ଗେ ସେଠାରେ ଉପସ୍ଥିତ ଥିବା ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, ନେତାଙ୍କ ସମେତ ବହୁ ଲୋକେ ଫ୍ଲେକ୍ସରେ ଓଡ଼ିଆ ପରିବର୍ତ୍ତେ ଇଂରାଜୀରେ ଲେଖାକୁ ନେଇ ବିରୋଧ କରିଥିଲେ। ଓଡ଼ିଶାକୁ ଭାଷାଭିତ୍ତିକ ପ୍ରଦେଶ ଗଠନ କରିବାରେ ପାରଳାଖେମୁଣ୍ଡି ମହାରାଜାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଜନ୍ମମାଟିରେ ଓଡ଼ିଆ ଭାଷାକୁ ବାଦ୍ ଦେଇ ସରକାରୀ କାର୍ଯ୍ୟକ୍ରମରେ ଇଂରାଜୀ ଭାଷା କାହିଁକି ବ୍ୟବହାର କରାଯାଇଛି ବୋଲି ପ୍ରଶ୍ନ କରାଯାଇଥିଲା। ଯାହାକୁ ନେଇ ଜିଲ୍ଲାପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ କେନ୍ଦ୍ର ସରକାରଙ୍କ ଠାରୁ ଇଂରାଜୀରେ ଲେଖିବାପାଇଁ ଚିଠି ଆସିଥିବା କହିଥିଲେ। ଏହାକୁ ନେଇ କଥା କଟାକଟି ସହ ଚିଠି ଦେଖାଇବା ପାଇଁ ପ୍ରତିବାଦକାରୀ କହିଥିଲେ। କିନ୍ତୁ ସେ ଚିଠି ଦେଖାଇ ପାରିନଥିଲେ। ପ୍ରତିବାଦକାରୀ ଭାରତର ସମ୍ବିଧାନରେ ୨୨ ଭାଷାକୁ ମାନ୍ୟତା ମିଳିଛି। ସେଥିରେ ଓଡ଼ିଆ ଭାଷା ସାମିଲ ଅଛିକି ନାହିଁ ବୋଲି ପ୍ରଶ୍ନ କରିଥିଲେ। ଯାହାର ଉତ୍ତର କାହାରି ପାଖରେ ନଥିଲା। ଏହା ସହ ବର୍ତ୍ତମାନର ନୂତନ ସରକାର ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ନିର୍ବାଚନ ବୈତରଣୀ ପାର କରିଛନ୍ତି। ଏହି ବିଷୟ ମଧ୍ୟ ପ୍ରତିବାଦକାରୀଉପସ୍ଥିତ ମଞ୍ଚାସୀନ ଅତିଥିଙ୍କୁ ସ୍ମରଣ କରାଇଥିଲେ। ଯେଉଁଥିରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମୁଁ ବୁଝିବି ବୋଲି କହିଥିଲେ। ଏ ସମ୍ପର୍କରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଭବିଷ୍ୟତରେ ଓଡିଆ ଭାଷାକୁ ଏପରି ତାଚ୍ଛଲ୍ୟ ନ କରିବାକୁ କହିବା ସହ ଏହାର ପୁନରାବୃତ୍ତି ହେଲେ ଉଚିତ ଜବାବ ଦିଆଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ଆୟୋଜିତ ହୋଇଥିବା ସ୍ଥାନ ଛୋଟ ଥିଲା। ଅଧିକ ସଂଖ୍ୟାରେ ସରକାରୀ କର୍ମଚାରୀ, ନିର୍ବାଚିତ ପ୍ରତିନିଧି, ରାଜନେତା, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହିଥିବା ବେଳେ ଅନେକଙ୍କ ପାଇଁ ବସିବା ପାଇଁ ଚେୟାର ନଥିଲା। ଭିତରେ ରହିଥିବା ଏସି କାମକରୁନଥିଲା। ଏପରି ଅବ୍ୟବସ୍ଥା ନୂତନ ଜିଲ୍ଲାପାଳ ଆସିବା ପରେ ହେବା ଦୁର୍ଭାଗ୍ୟଜନକ ବୋଲି ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

● ବିରୋଧ କଲେ ବୁଦ୍ଧିଜୀବୀ, ସାମ୍ବାଦିକ, ରାଜନେତା
● ବୁଝିବେ କହିଲେ ଆଇନ ମନ୍ତ୍ରୀ

# ବିଜୁ ଯୁବ ଓ ଛାତ୍ର ଜନତା ଦଳର ପ୍ରତିବାଦ ଶୋଭାଯାତ୍ରା





ପାରଳାଖେମୁଣ୍ଡି,୬।୮ (ସମିସ): ଗଜପତି ଜିଲ୍ଲା ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ରାଣୀପେଣ୍ଠ ଛକ ନିକଟରୁ ଏକ ଶୋଭାଯାତ୍ରା ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଗଜପତି ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଏସ୍.ଲିଙ୍ଗରାଜୁ ଓ ଛାତ୍ର ଜନତା ଦଳ ସଭାପତି ବିଶ୍ୱଜୀତ ତ୍ରିପାଠୀଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଛାତ୍ର ଓ ଯୁବକ ରାଜ୍ୟରେ ନାରୀ ଓ ଛାତ୍ରୀ ଅସୁରକ୍ଷିତ ନେଇ ପ୍ରତିବାଦ କରିଥିଲେ। ଏହାକୁ ଦମନ କରିବାକୁ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ସୁନୀଲ କାନ୍ତ ମହାନ୍ତିଙ୍କ ଜରିଆରେ ପ୍ରଦାନ କରିଥିଲେ। ଶୋଭାଯାତ୍ରାରେ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ ସାଧାରଣ ଜନତାଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଜପତି ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଦୀପ ନାୟକ, ନଗର ସଭାପତି ଶୁଦ୍ଧିରଞ୍ଜନ ମହାପାତ୍ର, କାଶୀନଗର ଯୁବନେତା ରାଜେଶ ମିସାଲ ଓ ଗୋଷାଣି ଯୁବ ନେତା ପି. ନାଗେଶ୍ୱରଙ୍କ ସହ ଶତାଧିକ ଯୁବ ଓ ଛାତ୍ରଯୋଗ ଦେଇଥିଲେ। ଏହି ପ୍ରତିବାଦକୁ ଗୁରୁତ୍ୱର ସହ ନନେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

କାମ ସରିଛି, ପ୍ରାପ୍ୟ ମିଳିନି

# ୪୦ରୁ ଉର୍ଦ୍ଧ୍ୱ ପ୍ରୋଜେକ୍ଟ ଡିଲିଟ୍ ସହ ଫାଇଲ୍ ବନ୍ଦ; ସାଇବର୍ ଥାନାରେ ଏତଲା

ସାନଖେମୁଣ୍ଡି,୬।୮ (ସମିସ): ଗଞ୍ଜାମ ଜିଲ୍ଲାସ୍ତରରେ ମନରେଗା କାର୍ଯ୍ୟକାରୀରେ ସାନଖେମୁଣ୍ଡି ବ୍ଲକ୍‌ର ପ୍ରଦର୍ଶନ ମଧ୍ୟ ଉଲ୍ଲେଖନୀୟ ରହି ଆସିଛି। ତେବେ ସାନଖେମୁଣ୍ଡି ବ୍ଲକରେ ମନରେଗା ଯୋଜନା ଚାଲିଥିବା ବେଳେ ଆକସ୍ମିକ ଭାବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କଲା ଭଳି ଘଟଣା ଘଟିବା ସହ ଘଟଣା ବ୍ରହ୍ମପୁର ସାଇବର ଥାନା ପର୍ଯ୍ୟନ୍ତ ଯାଇଥିବା ସୂଚନା ମିଳିଛି। ମନରେଗା ପ୍ରକଳ୍ପ ମଞ୍ଜୁରି ପରେ ଶ୍ରମିକ ଆବେଦନ, ଶ୍ରମିକ ନିୟୋଜନ ଓ ଶ୍ରମ ଦିବସ ସୃଷ୍ଟି ପାଇଁ ଆବଶ୍ୟକ ଗୋଡ଼ି ବାଲି ମେଟାଲ ମୋରୁମ୍ ସିମେଣ୍ଟ ରଡ଼ ପ୍ରଭୃତି ସରଞ୍ଜାମ ତଥା ମ୍ୟାଟେରିଆଲ ପ୍ରକଳ୍ପ କାମ ଚାଲିଥିବା ଏବଂ କାର୍ଯ୍ୟ ସରିଥିବା ବେଳେ ଗତ ରବିବାର ଦିନ ସାନଖେମୁଣ୍ଡି ବ୍ଲକ୍‌ର ୧୨ଟି ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ମନରେଗା ପ୍ରକଳ୍ପ ଗୁଡ଼ିକୁ ଡିଲିଟ୍ କରାଯାଇଛି। ତେବେ ଆକସ୍ମିକ ଭାବେ କାର୍ଯ୍ୟାଳୟ ତାଲିକାରୁ ପ୍ରାୟ ୨ କୋଟି ଟଙ୍କାର ୪୦ରୁ ଉର୍ଦ୍ଧ୍ୱ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ମନରେଗା ପ୍ରକଳ୍ପ ଗୁଡ଼ିକୁ ପୋଛି ନିଶ୍ଚିହ୍ନ କଲା ପରେ ଏବେ ଅର୍ଥ ବିନିଯୋଗ କରି ସାମଗ୍ରୀ ସରଞ୍ଜାମ ଲଗାଇଥିବା ଠିକାଦାର ଓ ପଞ୍ଚାୟତ ପ୍ରତିନିଧିଙ୍କ ମଧ୍ୟରେ ଭାଳେଣୀ ପଡ଼ିଯାଇଛି। ପ୍ରୋଜେକ୍ଟ ଡିଲିଟ୍ ସହ ଫାଇଲ କ୍ଲୋଜ କରାଯିବା ଦ୍ୱାରା ଅର୍ଥ ବିନିଯୋଗ କରି ପ୍ରକଳ୍ପ କାର୍ଯ୍ୟ ସାରିଥିବା କାର୍ଯ୍ୟ ପ୍ରତିନିଧି ଓ ପଞ୍ଚାୟତ ପ୍ରତିନିଧିମାନେ ପ୍ରକଳ୍ପ ବାବଦ ଟଙ୍କା ଆଉ ପାଇବେ ନାହିଁ। ତେବେ ପ୍ରୋଜେକ୍ଟ ଡିଲିଟ୍ ଓ ଫାଇଲ୍ କ୍ଲୋଜ୍ କିଏ କରିଛି ଓ କାହିଁକି କରାଯାଇଛି ଏଥିରେ କିଏ ଜଡ଼ିତ ତାହାର କୌଣସି ସ୍ୱଷ୍ଟ ଉତ୍ତର ମିଳୁନାହିଁ। ଏନେଇ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେଉଁଭଳି ୪୦ରୁ ଉର୍ଦ୍ଧ୍ୱ ମନରେଗା ପ୍ରକଳ୍ପ ଡିଲିଟ୍ ହୋଇଛି କିଏ ଓ କାହିଁକି କରିଛି, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ। ଫଳରେ ଆମେ ସାଇବର ଥାନାରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କୁ ଅବଗତ କରିଛୁ ବୋଲି କହିଛନ୍ତି।

ଅବହେଳିତ ମୁକ୍ତାକାଶ ବ୍ୟାୟାମଶାଳା

# ଭାଙ୍ଗି ଗଲାଣି ବ୍ୟାୟାମ ଉପକରଣ



ସଞ୍ଜ ହେଲେ ଜମୁଛି ମଦୁଆଙ୍କ ଆଡ୍ଡା

ଗଞ୍ଜାମ,୬।୮ (ସମିସ): ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମ୍ ପରିସରରେ ହୋଇଥିବା ଓପନ୍ ଜିମ୍ ଖୋଲିଥିଲା। ଲକ୍ଷ ଅଞ୍ଚଳର ଯୁବକଙ୍କ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ନିଜକୁ ଫିଟ୍ ରଖିବାକୁ ସକାଳେ ଓ ସନ୍ଧ୍ୟାରେ ଆସି ଏଠାରେ ବ୍ୟାୟାମ କରୁଥିଲେ। କିନ୍ତୁ ଏବେ ବ୍ୟାୟାମ ଉପକରଣ ଗୁଡ଼ିକ ବର୍ତ୍ତମାନ ଭଙ୍ଗା ଦଦରା ଅବସ୍ଥାରେ ପଡ଼ି ରହିଛି। ଏଥିପ୍ରତି କାହାରି ନଜର ପଡୁନାହିଁ। ଫଳରେ ତାହା ଏବେ ଅଦରକାରୀ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ହୋଇଛି ବୋଲି କିଛି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଫଳରେ ଏଠାକୁ ଆଉ ଆଗଭଳି କେହି ଆସୁନାହାନ୍ତି। ସୂଚନାଯୋଗ୍ୟ ଏହି ଓପନ୍ ଜିମ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିର୍ମାଣ ହୋଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ପାଇଁ କେହି ପଦକ୍ଷେପ ନେଲେନି। ଫଳରେ ଖତ ଖାଇବାକୁ ବସିଛି। 'ସରକାର୍‌କା ମାଲ୍, ଦରିଆମେ ଡାଲ୍' ନ୍ୟାୟରେ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ଏବେ ଏଠାରେ ସନ୍ଧ୍ୟାରେ ଯୁବକଙ୍କ ବ୍ୟାୟାମ ବଦଳରେ ମଦୁଆଙ୍କ ଆଡ୍ଡା ଜମୁଛି। ତେଣୁ ଏହି ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ଦିଗପହଣ୍ଡିରେ ବର୍ଷା ବିପ୍ୟାତ

# ବ୍ଲକ କାର୍ଯ୍ୟାଳୟରେ ପଶିଲା ପାଣି

ଦିଗପହଣ୍ଡି,୬।୮ (ସମିସ): ଦିଗପହଣ୍ଡି ସହର ସମେତ ଆଖପାଖ ଅଞ୍ଚଳରେ ବୁଧବାର ଅପରାହ୍ନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଦିଗପହଣ୍ଡି-ଆସିକା ମୁଖ୍ୟ ରାସ୍ତା ପେଟ୍ରୋଲ ପମ୍ପ ଠାରୁ ପାଖାପାଖି ୧୦୦ ମିଟର ଯାଏଁ ରାସ୍ତାରେ ୨ଫୁଟ ଉଚ୍ଚତାରେ ପାଣି ଜମି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ମଧ୍ୟ ବର୍ଷା ପାଣି ପଶିଥିଲା। ଅପରାହ୍ନ ପ୍ରାୟ ସାଢେ ୩ଟାରେ ପାଖାପାଖି ୧ ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। ପୂର୍ବରୁ ପୁଞ୍ଜିକୟା ଛକ ନିକଟ ଆସିକା



ରାସ୍ତାରେ ସାମାନ୍ୟ ବର୍ଷା ହେଲେ ଘରେ ପାଣି ଆସୁଥିଲା। ଫଳରେ ସ୍ଥାନୀୟ ଲୋକମାନେ ସେଠାରେ ଏକ କଲଭର୍ଟ ନିର୍ମାଣ କରିବା ପାଇଁ ଆନ୍ଦୋଳନ କରିଥିଲେ। ତେବେ ଦୀର୍ଘଦିନ ଧରି କଲଭର୍ଟ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଫଳରେ ବୁଧବାର ବର୍ଷାରେ ରାସ୍ତାରେ ଏଭଳି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ରାସ୍ତା ଉପରେ ଦୀର୍ଘ ସମୟ ଧରି ବର୍ଷା ଓ ନର୍ଦ୍ଦମା ପାଣି ଜମି ରହିବାରୁ ଗମନାଗମନରେ ନାହିଁ ନଥିବା ସମସ୍ୟା ହୋଇଥିଲା। ସେହିପରି ବ୍ଲକ କାର୍ଯ୍ୟାଳୟରେ ପାଣି ପଶିବାରୁ କର୍ମଚାରୀ ଏବଂ ବିଭିନ୍ନ କାମ ପାଇଁ କାର୍ଯ୍ୟାଳୟକୁ ଆସିଥିବା ଜନସାଧାରଣଙ୍କୁ ଅବସ୍ଥା ଭୋଗିବାକୁ ପଡିଥିଲା।

# ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ




ଛତ୍ରପୁର,୬।୮ (ସମିସ): ଭାରତ ସରକାରଙ୍କ ଟିବି ମୁକ୍ତ ଭାରତ ସଚେତନତା ଅଭିଯାନରେ ଆଦାନୀ ଫାଉଣ୍ଡେସନ। ଗୋପାଳପୁର ବନ୍ଦରର ପାଶ୍ୱବର୍ତ୍ତୀ ଅଞ୍ଚଳରେ ଚିହ୍ନଟ ହୋଇଥିବା ପାଖାପାଖି ୧୦୦ ଜଣ ଯକ୍ଷ୍ମା ରୋଗୀଙ୍କୁ ୬ ମାସ ପର୍ଯ୍ୟନ୍ତ ପୁଷ୍ଟିକର ଖାଦ୍ୟ ବାସ୍କେଟ ବଣ୍ଟନ କରିବ ଆଦାନୀ ଫାଉଣ୍ଡେସନ। ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ୫୦ ଜଣ ରୋଗୀମାନଙ୍କୁ ବୁଧବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛତ୍ରପୁର ଉପକଣ୍ଠ ସରକାରୀ ଚିକିତ୍ସାଳୟ ପରିସରରେ ଏହି ପୁଷ୍ଟିକର ଖାଦ୍ୟ ବାସ୍କେଟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଗୋପାଳପୁର ବନ୍ଦର ବିଜନେସ ମୁଖ୍ୟ ପ୍ରଶାନ୍ତ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଖାଦ୍ୟ ସାମଗ୍ରୀ ବାସ୍କେଟ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦାନୀ ଫାଉଣ୍ଡେସନ ପୂର୍ବାଞ୍ଚଳ ମୁଖ୍ୟ ଜୟନ୍ତ ମହାନ୍ତି, ଛତ୍ରପୁର ଉପଖଣ୍ଡ ଡାକ୍ତରଖାନା ଏସଡିଏମଓ ଡାକ୍ତର ସୁଦର୍ଶନ ସାହୁ, ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷୀକ ଡାକ୍ତର ସ୍ୱାଧୀନ ରଥ, ଜିଲ୍ଲା ଟିବି ସଂଯୋଜକ ବିଦେଶୀ ଜେନା, ଗୋପାଳପୁର ବନ୍ଦର ସିଆରସିଏ ମୁଖ୍ୟ ଦେବଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ଏହି ଖାଦ୍ୟ ବାସ୍କେଟ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଦାନୀ ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକର ପଂଚାୟତର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଅନେକ ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଏବଂ ଏନଏମ ଦିଦି ଯୋଗ ଦେବା ସହ ଯକ୍ଷ୍ମା ରୋଗ ସମ୍ପର୍କରେ ଆଲୋକପାତ କରିଥିଲେ।

# ଆସୁଛି ରାକ୍ଷୀ ପୂର୍ଣ୍ଣିମା; ଷ୍ଟଲରେ ଭିଡ଼

ବ୍ରହ୍ମପୁର,୫।୮ (ସମିସ)



ଆଉ କିଛିଦିନ ପରେ ରାକ୍ଷୀ ପୂର୍ଣ୍ଣିମା। ଏନେଇ ଚଳଚଞ୍ଚଳ ବ୍ରହ୍ମପୁର ସହରର ବଜାର। ହିନ୍ଦୁ ଧର୍ମର ଏହା ନିଆରା ପର୍ବ। ନିଜର ସୁରକ୍ଷା ପାଇଁ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧିବ। ଏଣେ ଭାଇର ହାତକୁ ମନଲାଖି ରାକ୍ଷୀ ଖଣ୍ଡେ ପାଇର୍ 'ରାକ୍ଷୀ ଷ୍ଟଲ'ରେ ସୁନ୍ଦର ରାକ୍ଷୀ ଖୋଜୁଛି ଭଉଣୀ। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ବିଭିନ୍ନ ପ୍ରକାରର ରାକ୍ଷୀ ବିକ୍ରି କରୁଛନ୍ତି। ପୂର୍ବ ବର୍ଷ ଅପକ୍ଷା ଚଳିତ ବର୍ଷ ସହରରେ ଅଧିକ 'ରାକ୍ଷୀ ଷ୍ଟଲ' ଖୋଲିଛି। ସ୍ଥାନୀୟ ବଡ଼ ବଜାର, ସାନ ବଜାର, ହନୁମାନ ବଜାର, ଅନ୍ନପୂର୍ଣ୍ଣା ମାର୍କେଟ, ପୁରୁଣା ବସଷ୍ଟାଣ୍ଡ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଗେଟବଜାର, ହରିଡ଼ାଖଣ୍ଡି, କମାପଲ୍ଲି, ଇଞ୍ଜିନୟରିଂ ସ୍କୁଲ ଛକ ସମେତ ବିଭିନ୍ନ ସ୍ଥାନରେ ପ୍ରାୟ ୨୫୦ରୁ ଅଧିକ 'ରାକ୍ଷୀ ଷ୍ଟଲ' ରହିଛି। ଗ୍ରାହକଙ୍କୁ ଆକୃଷ୍ଟ କଲା ଭଳି ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ରକ୍ଷୀ ଏଠାରେ ବିକ୍ରି କରୁଛନ୍ତି ବ୍ୟବସାୟୀ। ଅଧିକାଂଶ ଷ୍ଟଲରେ ୭୦ରୁ ୯୦ ପ୍ରକାରର ରାକ୍ଷୀ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ୧୦ଟଙ୍କାରୁ ଆରମ୍ଭ କରି ୪୫୦ଟଙ୍କା ପର୍ଯ୍ୟନ୍ତ ରହିଛି ରାକ୍ଷୀର ଦର। ଆମେରିକାନ ଡ଼ାଇମଣ୍ଡ, ଏଡ଼ି ଷ୍ଟୋନ ଓ ଷ୍ଟୋନ ରାକ୍ଷୀ ଭଳି ଅନେକ ଦାମିକିଆ ରାକ୍ଷୀର ଚାହିଦା ଢେର ରହିଛି। ୧ମାସ ମଧ୍ୟରେ ବିଭିନ୍ନ ରାକ୍ଷୀ ଷ୍ଟଲ ଗୁଡ଼ିକ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବେପାର କରିଥିବା ଜଣାଯାଇଛି। ଏଣେ ସହରରେ ପ୍ରାୟ ୨୨ରୁ ୨୫ ଜଣ ହୋଲ୍‌ସେଲ ବ୍ୟବସାୟୀ ରହିଛନ୍ତି। ଗୁଜରାଟର ରାଜକୋଟ, ଅହମ୍ମଦାବାଦ, ଗୁଜୁରାଟ, ବେଙ୍ଗାଲୁରୁ, ଦିଲ୍ଲୀ ଓ କୋଲକାତା ସମେତ ବିଭିନ୍ନ ରାଜ୍ୟରୁ ସହରକୁ ରାକ୍ଷୀ ଆସୁଛି। ଏହା ସହ ସହରର ବିଭିନ୍ନ ସାହିରେ କିଛି ମହିଳା ରାକ୍ଷୀ ପ୍ରସ୍ତୁତି କରୁଛନ୍ତି। ପ୍ରତ୍ୟେକ ବ୍ୟବସାୟୀ ପ୍ରାୟ ୮ରୁ ୧୦ଲକ୍ଷ ଟଙ୍କାର ରାକ୍ଷୀ ଆମଦାନୀ କରିଥିବା ସୂଚନା ମିଳିଛି। ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ରର ସୀମାନ୍ତକୁ ମଧ୍ୟ ଏହି ରାକ୍ଷୀ ପଠାଯାଇଥାଏ। ଏଭଳି ପ୍ରତି ବର୍ଷ ୩ରୁ ୪ କୋଟି ଟଙ୍କାର ରାକ୍ଷୀ ବଜାରରେ ବିକ୍ରି ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ଚଳିତ ମାସ ୯ ତାରିଖରେ ରାକ୍ଷୀ ପୂର୍ଣିମା ରହିଥିବା ଏହାର ଦୁଇ ଦିନ ପୂର୍ବେ ବ୍ୟବସାୟ ଭଲ ହେବ ହେବ ବୋଲି ବ୍ୟବସାୟୀ ନୀଳମାଧବ ସାହୁ କହିଛନ୍ତି। ଅନେକ ବ୍ୟକ୍ତି ନିଜ ନିଜ ଗ୍ରାମରେ ବ୍ୟବସାୟ କରୁଛନ୍ତି। ସେମାନେ ଏବେ ତାଙ୍କ ଗ୍ରାମରେ ରାକ୍ଷୀ ଷ୍ଟଲ କରିଛନ୍ତି। ଏଭଳି ଭାବେ ପ୍ରତ୍ୟେକ ଗ୍ରାମରେ ୩ରୁ ୪ଟି ଷ୍ଟଲ ଖୋଲିଛି। ଯାହାଫଳରେ ପୂର୍ବ ଅପକ୍ଷା ରାକ୍ଷୀ ବିକ୍ରି ହ୍ରାସ ପାଇଥିବା ସେ କହିଛନ୍ତି।

ଭାଇ ମନ ପସନ୍ଦର ରାକ୍ଷୀ ଖୋଜୁଛି ଭଉଣୀ

